## ସଂକ୍ଷେପରେ

### ୨ ସ୍ଥାନରେ ନିର୍ବାଚନୀ ହିଂସା ଘଟଣା: ୮ କୋର୍ଟ ଚାଲାଣ

ବାଲିକୁଦା,୧୭।୨(ସ୍ୱ.ପ୍ର): ନିର୍ବାଚନ ପାଇଁ ମତଦାନ ସମୟରେ ବାଲିକୁଦା ବ୍ଲକରେ ବୁଧବାର ୨ ସ୍ଥାନରେ ହିଂସାକାଣ୍ଡ ହୋଇଥିଲା। ଏହି ଘଟଣାରେ ପୋଲିସ ଗୁରୁବାର ୮ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ରାହାଣ ପଞ୍ଚାୟତ ଅନ୍ତର୍ଗତ ଚତରାମୁଣ୍ଡାଇ ଗାଁର ସତ୍ୟାନନ୍ଦ ଜେନା, ମଧୁସୂଦନ ଜେନା ଓ ପ୍ରତାପ ଜେନା ଭୋଟଦେଇ ଫେରୁଥିବା ବେଳେ ୫ ଜଣ ଅଭିଯୁକ୍ତ ସେମାନଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିସହ ପ୍ରତାପଙ୍କ ବେକରୁ ସୁନା ଚେନ ଓ ୧୮୦୦ ଟଙ୍କା ଲୁଟି ନେଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ବୈରାଗୀ ବିଶ୍ୱାଳ, ବିଶ୍ୱଜିତ ବିଶ୍ୱାଳ, ଦିଲୀପ ବିଶ୍ୱାଳ, ବିଜୟ ବିଶ୍ୱାଳ ଓ ସୁମନ ବିଶ୍ୱାଳଙ୍କୁ ଗିରଫ କରାଯାଇଛି। ଏନେଇ ଥାନାରେ ମାମଲା (ନଂ.୬୯/୨୨) ରୁଜୁ ହୋଇଛି। ସେହିପରି ମାଛଗାଁ ଅସିଲୋ ୧୭ ନଂ. ବୁଥ୍‌ରେ ନିର୍ବାଚନୀ ହିଂସା ଘଟି ୨ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଏହି ଘଟଣାରେ ଗୋଟିଏ ଗୋଷ୍ଠୀରୁ ୩ ଜଣଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ ସମୀର ଜେନା, ଅସୀତ କୁମାର ଜେନା ଓ ସନ୍ତୋଷ ଜେନା। ଏନେଇ ଥାନାରେ ମାମଲା (ନଂ. ୬୬/୨୨) ରୁଜୁ କରାଯାଇଛି।

### ମେଡିକାଲ ଖର୍ଚ୍ଚ କହି ମଗାଯାଉଛି ଟଙ୍କା

**ଶିକ୍ଷକଙ୍କ ସୋସିଆଲ ମିଡିଆ ଆଇଡି ହ୍ୟାକ ଅଭିଯୋଗ**

ବାଲିକୁଦା,୧୭।୨(ସ୍ୱ.ପ୍ର.): ଶିକ୍ଷକଙ୍କ ସୋସିଆଲ ମିଡିଆ ଆଇଡି ହ୍ୟାକ କରାଯାଇ ଚାର୍ଟିଂ ଯୋଗେ ମେଡିକାଲ ଖର୍ଚ୍ଚର ଆଳ ଦେଖାଇ ଟଙ୍କା ମଗାଯାଉଛି। ବାଲିକୁଦା ବ୍ଲକ ମୂଳୁଗାଁ ପଞ୍ଚାୟତ ହାଇସ୍କୁଲର ସଂସ୍କୃତ ଶିକ୍ଷକ ମହେନ୍ଦ୍ର କୁମାର ରାଉତ ଏନେଇ ଗୁରୁବାର ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ସେ ଅସୁସ୍ଥଥିବା ଦର୍ଶାଇ କୌଣସି ଦୁର୍ବୃତ୍ତ ତାଙ୍କ ସୋସିଆଲ ମିଡିଆ ଆଇଡିରେ ଟଙ୍କା ପାଇଁ ନିବେଦନ କରୁଛନ୍ତି। ସେଥିରେ ଉଲ୍ଲେଖ କରାଯାଇଛି ଯେ, ରାଉତ ଅସୁସ୍ଥ ଥିବାରୁ ନିଜ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଉଠାଇ ପାରୁନାହାନ୍ତି। ଏନେଇ ନିର୍ଦ୍ଦିଷ୍ଟ ପରିମାଣର ଟଙ୍କା ଲେଖି ଏକ ମୋବାଇଲ୍ ନମ୍ବର ଜରିଆରେ ଡିଜିଟାଲ ଆକାଉଣ୍ଟକୁ ପଠାଇବାକୁ ଅନୁରୋଧ କରାଯାଇଛି। ଟଙ୍କା ମଗାଯାଉଥିବା ବ୍ୟକ୍ତିଙ୍କ ମଧ୍ୟରୁ କାହାକୁ ୨ ଘଣ୍ଟା ମଧ୍ୟରେ ଆଉ କାହାକୁ ପରଦିନ ଦିନ ୧୦ଟା ମଧ୍ୟରେ ଟଙ୍କା ଫେରାଇ ଦିଆଯିବ ବୋଲି ଉଲ୍ଲେଖ କରାଯାଇଛି। ଏଭଳି ପ୍ରାୟ ୨୦ରୁ ବେଶି ଲୋକଙ୍କୁ ସମାନ ଢଙ୍ଗରେ ଅର୍ଥ ମଗାଯାଇଛି। ରାଉତ ଅସୁସ୍ଥ ଥିବା ନେଇ କେତେଜଣ ଛାତ୍ର ସୋସିଆଲ ମିଡିଆ ଜରିଆରେ ସୂଚନାପାଇ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ଘଟଣା ପଦାକୁ ଆସିଥିଲା। ଅଭିଯୋଗ ପରେ ତଦନ୍ତ ଜାରି ରହିଛି ବୋଲି ଆଇଆଇସି ରଜନୀକାନ୍ତ ମିଶ୍ର କହିଛନ୍ତି।

# ଗଡ଼ ରକ୍ଷା ପାଇଁ ବିଜେଡି, ଭାଜପା ତତ୍ପର

**ଦ୍ୱିତୀୟ ପର୍ଯ୍ୟାୟରେ ରାଜକନିକା, ମାର୍ଶାଘାଇ ବ୍ଲକ**

କେନ୍ଦ୍ରାପଡ଼ା ଅଫିସ, ୧୭।୨

କେନ୍ଦ୍ରାପଡ଼ା ଜିଲାର ରାଜକନିକା ଓ ମାର୍ଶାଘାଇ ବ୍ଲକ ଅଞ୍ଚଳରେ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ଭୋଟ ଗ୍ରହଣ ଶୁକ୍ରବାର ଅନୁଷ୍ଠିତ ହେବ। ୨୦୧୭ ନିର୍ବାଚନରେ ରାଜକନିକା ବ୍ଲକର ୩ ଜୋନ୍ ଓ ମାର୍ଶାଘାଇର ଗୋଟିଏ ଜୋନ୍‌ରେ ବିଜେଡି ପ୍ରାର୍ଥୀ ଜିତିଥିଲେ। ଅପରପକ୍ଷରେ ମାର୍ଶାଘାଇ ବ୍ଲକର ୨୪ ଓ ୨୬ ନଂ. ଜୋନ୍‌ରେ ଭାଜପା ସପକ୍ଷରେ ଭୋଟ ଯାଇଥିଲା। କଂଗ୍ରେସ ରାଜକନିକା ବ୍ଲକ ଅଞ୍ଚଳରେ ଭୋଟ ଗ୍ରହଣ ହାରରେ ଦ୍ୱିତୀୟ ସ୍ଥାନରେ ଥିବା ବେଳେ ଗୋଟିଏରେ ଭାଜପା ଓ ୨ଟିରେ ବିଜେଡି ପ୍ରାର୍ଥୀ ମାର୍ଶାଘାଇ ବ୍ଲକ ଅଞ୍ଚଳରେ ଦ୍ୱିତୀୟ ସ୍ଥାନରେ ଥିଲା। ତେବେ ଚଳିତ ନିର୍ବାଚନରେ କେତେକ କାରଣ ପାଇଁ ବିଜେଡିକୁ ଗଡ଼ରକ୍ଷା ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ କରିବାକୁ ପଡୁଛି। ଏଥିପାଇଁ ସ୍ଥାନୀୟ ଅଞ୍ଚଳରେ ଫଳାଫଳ ଅଙ୍କକଷା ଆରମ୍ଭ ହୋଇଥିବା ବେଳେ ପ୍ରାର୍ଥୀଙ୍କ ରଣନୀତି ବଦଳୁଛି। ସେହିପରି ପ୍ରଥମ ପର୍ଯ୍ୟାୟ ଭୋଟଗ୍ରହଣକୁ ସୁପରିଚାଳିତ କରିଥିବା ଜିଲା ପ୍ରଶାସନ ଏହାର ପୁନରାବୃତ୍ତି ପାଇଁ ସମସ୍ତ ପ୍ରସ୍ତୁତି ଚଳାଇଛି। ଚଳିତ ନିର୍ବାଚନରେ ରାଜନୈତିକ ହିଂସାକାଣ୍ଡ ବୃଦ୍ଧି ପାଇଥିବାରୁ ଏହାର ପ୍ରତିକାର ପାଇଁ ବ୍ୟାପକ ପୋଲିସ ବଳ ମୁତୟନ ହୋଇଛି।

ରାଜକନିକା ବ୍ଲକ ଅଞ୍ଚଳର ୩ ଜିଲା ପରିଷଦ ଜୋନ୍ ଅଞ୍ଚଳରେ ମୋଟ ଭୋଟରଙ୍କ ସଂଖ୍ୟା ୧୨୩୫୦୬ ରହିଛି। ୪୮୪ ବୁଥ୍‌ରୁ ୯୬ଟି ଉତ୍ତେଜନାପ୍ରବଣ ବୋଲି ଚିହ୍ନଟ ହୋଇଛି। ଚଳିତ ନିର୍ବାଚନରେ ବ୍ଲକ ଅଞ୍ଚଳରେ ଖରସ୍ରୋତା ପାଣି ବିବାଦ, ପାନୀୟ ଜଳ, ଗମନାଗମନ ରାସ୍ତା ଓ ସେତୁଠାରୁ ଆରମ୍ଭ କରି କ୍ଷେତକୁ ଜଳ ପରିଚାଳନା ପ୍ରମୁଖ ସମସ୍ୟା ଉପସ୍ଥାପିତ ହୋଇଛି। କୃଷିଭିତ୍ତିକ ଏହି ବ୍ଲକ ଅଞ୍ଚଳରେ ଅଦ୍ୟାବଧି ଗୋଟିଏ ଇଞ୍ଚ ମଧ୍ୟ କେନାଲ ଜଳସେଚନ ବ୍ୟବସ୍ଥା ନାହିଁ। ପ୍ରାର୍ଥୀମାନେ ଏହାକୁ ନିର୍ବଚନୀ ଆୟୁଧ କରିଛନ୍ତି। ଏହି ବ୍ଲକର ୨୭ ନଂ. ଜୋନ୍‌ରେ ବିଜେଡିରୁ ପ୍ରବୀଣା ଦାସ, କଂଗ୍ରେସରୁ ପ୍ରିୟଦର୍ଶନୀ ବେହେରା ଓ ଭାଜପାରୁ ବିଜୁଶ୍ରୀ ବିଜୟା



ମାର୍ଶାଘାଇ ବ୍ଲକରୁ ବୁଥ୍ ଅଭିମୁଖେ ପୋଲିଂ ସାମଗ୍ରୀ ନେଇ ଯାଉଥିବା ପାର୍ଟି।

ପଟ୍ଟନାୟକ ପ୍ରାର୍ଥୀ ହୋଇଛନ୍ତି। ୨୮ ନଂ. ଜୋନ୍‌ରେ ୫ ପ୍ରାର୍ଥୀ ଅଛନ୍ତି । ବିଜେଡିରୁ ପ୍ରତାପ କୁମାର ବେହେରା, ଭାଜପାରୁ ମନୋଜ ସେନାପତି, ସ୍ୱାଧୀନ ପ୍ରାର୍ଥୀ ସତ୍ୟଜିତ ସ୍ୱାଇଁ, ସରୋଜକାନ୍ତ ରାଉତ ଓ କଂଗ୍ରେସରୁ କ୍ଷୀରୋଦ କୁମାର ବେହୁରିଆ ଜିଲା ପରିଷଦ ସଭ୍ୟ ପ୍ରତିଦ୍ୱନ୍ଦ୍ୱିତାରେ ଅଛନ୍ତି। ୨୯ ନଂ. ଜୋନ୍‌ରେ ବିଜେଡିରୁ ଅମିତା ସାହୁ, କଂଗ୍ରେସରୁ ପ୍ରମିଳା ସାହୁ ଓ ଭାଜପାରୁ ମଧୁସ୍ମିତା ଜେନା ନିର୍ବାଚନୀ ମଇଦାନରେ ଅଛନ୍ତି।

ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ମାର୍ଶାଘାଇ ବ୍ଲକ ଅଞ୍ଚଳର ୩୬୬ ବୁଥ୍‌ରେ ୧୦୬୯୩୦ ଭୋଟର ମତଦାନ କରିବାକୁ ବ୍ୟବସ୍ଥା ହୋଇଛି। ୧୬୧ଟି ବୁଥ୍ ଉତ୍ତେଜନାପ୍ରବଣ ଚିହ୍ନଟ ହୋଇଛି। ଏଥିସହ ବ୍ଲକ ଅଞ୍ଚଳର ୫ ସ୍ଥାନରେ ଅସ୍ଥାୟୀ ବୁଥ୍ ନିର୍ମାଣ ହୋଇଛି। ଏହି ଦୁଇ ବ୍ଲକରେ ବିଜେଡି ପାଇଁ ଦଳୀୟ ଅନ୍ତଃକନ୍ଦଳ ସହ ଆଞ୍ଚଳିକ ସମସ୍ୟା ଗୁରୁତର ହୋଇଛି। ଏହାର ଫାଇଦା ବିରୋଧୀ ଭାଜପା ଓ କଂଗ୍ରେସ ନେବ ବୋଲି ଆଲୋଚନା ହେଉଛି। ବ୍ଲକର ୨୪ ନଂ. ଜୋନ୍‌ରେ ଦଳୀୟ କନ୍ଦଳ ତୀବ୍ର ହେବା ପରେ ବହୁମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବାକୁ ଯାଉଛି। ଏଠାରୁ ବିଏସ୍‌ପିରୁ ଅଶୋକ କୁମାର ପ୍ରଧାନ, ସ୍ୱାଧୀନ ପ୍ରାର୍ଥୀ ଜଳଧର ବେହେରା, କଂଗ୍ରେସରୁ ଦୋଳଗୋବିନ୍ଦ ମାହାଳି, ଭାଜପାରୁ ପ୍ରଜେଶ ରଞ୍ଜନ ନାୟକ, ସ୍ୱାଧୀନ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ପରିଡା, ବିଜେଡିରୁ ପ୍ରମୋଦ କୁମାର ରଥ, ସ୍ୱାଧୀନ ପ୍ରାର୍ଥୀ ମାଧବ ଚରଣ ନାୟକ, ସ୍ୱାଧୀନ ପ୍ରାର୍ଥୀ ରାଜେନ୍ଦ୍ର ମଲ୍ଲିକ ଓ ସିପିଆଇର ସୀତାକାନ୍ତ ନାୟକ ଜିଲା ପରିଷଦ ପ୍ରାର୍ଥୀ ହୋଇଛନ୍ତି। ସେହିପରି ୨୫ ନଂ. ଜୋନ୍‌ରେ ସ୍ୱାଧୀନ ପ୍ରାର୍ଥୀ ଅଞ୍ଜଳି ରାଉତ, ବିଜେଡିରୁ ଦୁର୍ଗାବତୀ ପ୍ରଧାନ, କଂଗ୍ରେସରୁ ନମିତା ଦାସ, ସ୍ୱାଧୀନ ପ୍ରାର୍ଥୀ ନମିତା ନାୟକ ଓ ରାଜଲକ୍ଷ୍ମୀ ଦାସ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଏଥିସହ ୨୬ ନଂ. ଜୋନରେ ୫ ପ୍ରାର୍ଥୀ ଅଛନ୍ତି। କଂଗ୍ରେସରୁ ଅରବିନ୍ଦ ମହାନ୍ତି, ସ୍ୱାଧୀନ ପ୍ରାର୍ଥୀ ଉଷାରାଣୀ ମିଶ୍ର, ସ୍ୱାଧୀନ ପ୍ରାର୍ଥୀ ଦୀପକ କୁମାର ଚୌଧୁରୀ, ବିଜେଡିରୁ ପ୍ରତାପ କୁମାର ମଲ୍ଲିକ ଓ ଭାଜପାରୁ ମିହିର କୁମାର ସାମଲ ପ୍ରାର୍ଥୀ ଅଛନ୍ତି। ସମସ୍ତ ବୁଥ୍‌ରେ ପୋଲିଂ କର୍ମଚାରୀ ପହଞ୍ଚି ଥିବା ଉପଜିଲାପାଳ ନିରଞ୍ଜନ ବେହେରା ସୂଚନା ଦେଇଛନ୍ତି।

### ଫାଇନାନ୍ସ କର୍ମଚାରୀଙ୍କୁ ଛୁରାମାଡ଼ କରି ଲୁଟ୍ ଉଦ୍ୟମ

ଆଳି,୧୭।୨(ଡି.ଏନ.ଏ.)

ଆଳି ଥାନା ଅନ୍ତର୍ଗତ ନୂଆବଜାର ନିକଟସ୍ଥ ଦେମାଳ ହରିଜନସାହି ଭିତରେ ଗୁରୁବାର ଜଣେ ଫାଇନାନ୍ସ କର୍ମଚାରୀଙ୍କୁ ଦୁର୍ବୃତ୍ତମାନେ ଛୁରା ମାଡ଼ କରି ଲୁଟ ଉଦ୍ୟମ କରିଛନ୍ତି। ଏଥିରେ କର୍ମଚାରୀ ଜଣକ ଆହତ ହୋଇଛନ୍ତି। ପୋଲିସ ସୂତ୍ରରୁ ପ୍ରକାଶ, ଭଦ୍ରକ ଜିଲା ଚାନ୍ଦବାଲି ଅଞ୍ଚଳର ଏକ ଫାଇନାନ୍ସ ସଂସ୍ଥା ଆଳି ଅଞ୍ଚଳର କେତେକ ଗୋଷ୍ଠୀକୁ ଋଣ ଦେଇଛି। ପ୍ରତି ଗୁରୁବାର ଋଣ ଆଦାୟ କରିବାକୁ ଫାଇନାନ୍ସ କର୍ମଚାରୀ ଆସିଥାନ୍ତି। ମଧ୍ୟାହ୍ନରେ ସଂସ୍ଥାରେ କାର୍ଯ୍ୟ କରୁଥିବା ବିଞ୍ଝାରପୁର ଅଞ୍ଚଳର ସମ୍ପିତ ଦାସ ଗିରିବନ୍ଧ, ମୂଳସାହି ଆଦି ଗାଁର ବିଭିନ୍ନ ଗୋଷ୍ଠୀ ନିକଟରୁ କିସ୍ତି ଟଙ୍କା ଆଦାୟ କରି ଦେମାଳ ହରିଜନସାହିରୁ ଋଣ ଆଦାୟ ପରେ ବାଇକ୍ ନିକଟକୁ ଆସୁଥିଲେ। ଏହି ସମୟରେ ତାଙ୍କ ନିକଟକୁ ଏକ ବାଇକ୍‌ରେ ୨ ଦୁର୍ବୃତ୍ତ ଟଙ୍କା ଲୁଟିବା ନିମନ୍ତେ ଆକ୍ରମଣ କରିଥିଲେ। ସେମାନଙ୍କୁ ପ୍ରତିରୋଧ କରିବାରୁ ଦୁର୍ବୃତ୍ତମାନେ ତାଙ୍କ ବେକରେ ଛୁରି ମାରିଦେବାରୁ ସେ ଟଙ୍କା ବ୍ୟାଗ ଧରି ତଳେ ପଡିଯାଇ ଚିତ୍କାର କରିଥିଲେ। ଲୋକମାନେ ଆସିବାରୁ ଦୁର୍ବୃତ୍ତମାନେ ସେଠାରୁ ପଳାଇ ଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଣି ଚିକିତ୍ସା କରାଇଥିଲେ। ପରେ କର୍ମଚାରୀ ଦାସ ଥାନାରେ ଅଭିଯୋଗ କରିଛନ୍ତି।

### ରାଜକନିକା ବ୍ଲକର ୨୯ ପଞ୍ଚାୟତରେ ପୋଲିଂ ପାର୍ଟି ପହଞ୍ଚିଲେ

ରାଜକନିକା,୧୭।୨(ଡି.ଏନ.ଏ.)

ରାଜକନିକା ବ୍ଲକର ୨୯ ପଞ୍ଚାୟତରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ପାଇଁ ପୋଲିଂ ପାର୍ଟି ବୁଧବାର ସେମାନଙ୍କ ସମସ୍ତ କାଗଜପତ୍ର ନେଇ ବୁଥ୍‌ରେ ପହଞ୍ଚି ଯାଇଛନ୍ତି। ଶୁକ୍ରବାର ଭୋଟ ହେବ। ଫଳରେ ବୁଧବାରଠାରୁ ସମସ୍ତ ନେତା ନିର୍ବାଚନ ପ୍ରଚାର ଶେଷ କରିଛନ୍ତି। ଏବେ ନେତାମାନେ ଅନ୍ଧାରୀ ବିଜେ କରି ଭୋଟ ପ୍ରଚାର କରିବେ। ଏଥିପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ବିଡିଓ ରବି ନାରାୟଣ ଆଚାର୍ଯ୍ୟ ସମସ୍ତ ପଞ୍ଚାୟତ ବୁଲି ବୁଥ୍‌ଗୁଡିକୁ ପରିଦର୍ଶନ କରିଛନ୍ତି।

# ୧୦୯୭ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ଆଜି



ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟରୁ ପୋଲିଂ ଦଳ ବୁଥ୍‌କୁ ଯିବା ପୂର୍ବରୁ ଭୋଟିଂ ସାମଗ୍ରୀ ନେବାକୁ ଗୁରୁବାର ଗହଳି କରିଛନ୍ତି।

**ଜଗତ୍‌ସିଂହପୁର ବ୍ଲକ ୪ ଜୋନରେ ନିର୍ବାଚନ**

ଜଗତ୍‌ସିଂହପୁର ଅଫିସ, ୧୭।୨

ଜଗତ୍‌ସିଂହପୁର ଜିଲାରେ ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଶୁକ୍ରବାର ହେବ। ଏଥିରେ ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳର ୪ଟି ଜିଲା ପରିଷଦ ଜୋନ ଅନ୍ତର୍ଗତ ୩୦ଟି ପଞ୍ଚାୟତରେ ୧୦୯୭ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା ହେବ। ସେମାନଙ୍କ ମଧ୍ୟରୁ ୧୬ଜଣ ଜିଲା ପରିଷଦ ପ୍ରାର୍ଥୀ, ୧୧୫ ସରପଞ୍ଚ, ୯୮ ସମିତିସଭ୍ୟ ଓ ୮୬୮ ଜଣ ୱାର୍ଡ ସଭ୍ୟ ପ୍ରାର୍ଥୀ ରହିଛନ୍ତି। ଗୁରୁବାର ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ପୋଲିଂ କାର୍ଯ୍ୟରେ ନିୟୋଜିତ କର୍ମଚାରୀମାନେ ନିର୍ବାଚନ ସାମଗ୍ରୀ ଗ୍ରହଣ କରି ବୁଥ୍‌ଗୁଡିକରେ ପହଞ୍ଚିଛନ୍ତି। ପୋଲିଂ କର୍ମଚାରୀ ମହାବିଦ୍ୟାଳୟ ପରିସରରୁ ବାହାରିବା ବେଳେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ପାରୁଲ ପଟାୱରୀ ବ୍ୟବସ୍ଥାର ତଦାରଖ କରିଥିଲେ। ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ଜଗତ୍‌ସିଂହପୁର ବିଡିଓ ଓ ତହସିଲଦାର ପ୍ରମୁଖ ନିୟୋଜିତ ପୋଲିଂ କର୍ମଚାରୀଙ୍କୁ ବୁଥ୍‌ରେ ପହଞ୍ଚାଇବାରେ ସହଯୋଗ କରିଥିଲେ। ରାତି ପାହିଲେ ନିର୍ବାଚନ ହେବାକୁ ଥିବାରୁ ଗୁରୁବାର ରାତିରୁ ଦଳୀୟ ନେତା, କର୍ମୀ, ପ୍ରାର୍ଥୀ ଓ ସମର୍ଥକମାନଙ୍କ ଛାତି ଧଡଧଡ ହେଉଛି। ରାତିରେ ଗାଁ ଗହଳିରେ ଯେଉଁଭଳି ଭାବେ ଛକାପଞ୍ଝା ଲାଗି ରହିଛି ତାହା ନିଆରା ପରିବେଶ ସୃଷ୍ଟି କରିଛି। ପ୍ରାର୍ଥୀ ଓ ସମର୍ଥକମାନେ ପ୍ରତି ଘର ଉପରେ ନଜର ରଖିଛନ୍ତି। କେତେକ ସ୍ଥାନରେ ରାଜନୈତିକ ହିଂସା ସୃଷ୍ଟି ହୋଇଥିଲେ ସୁଦ୍ଧା ନିୟନ୍ତ୍ରଣ ଭିତରେ ରହିଛି। କିନ୍ତୁ ନିର୍ବାଚନ ନ ସରିବା ପର୍ଯ୍ୟନ୍ତ ପରିସ୍ଥିତି ସ୍ୱାଭାବିକ ଅଛି କି ନାହିଁ ତାହା କହିବା ସହଜ ନୁହେଁ। ମୋଟାମୋଟି ଭାବେ ଏବେ ଭୋଟରଙ୍କ ଉପରେ ପ୍ରତ୍ୟେକଙ୍କ ନଜର। ଭୋଟରଙ୍କୁ ନିଜ ସପକ୍ଷକୁ ମନେଇବାକୁ ପ୍ରାର୍ଥୀମାନେ କଳ, ବଳ, କୌଶଳ ଲଗାଇ ଦେଇଛନ୍ତି।

ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ବ୍ଲକର ୪୮୭ଟି ୱାର୍ଡରେ ୧,୨୧,୧୩୦ ଜଣ ଭୋଟର ସେମାନଙ୍କ ମତଦାନ ଅଧିକାର ସାବ୍ୟସ୍ତ କରିବେ। ତେବେ ୧୪୬୧ ଜଣ ପୋଲିଂ ଅଧିକାରୀ, ୪୮୭ ଜଣ ପୋଲିସ କର୍ମଚାରୀ ନିର୍ବାଚନ କାର୍ଯ୍ୟରେ ନିୟୋଜିତ ହୋଇଛନ୍ତି। ଆବଶ୍ୟକତାକୁ ଦୃଷ୍ଟିରେ ରଖି ୧୦% କର୍ମଚାରୀଙ୍କୁ ସଂରକ୍ଷିତ ରହିଛନ୍ତି। ଜଗତ୍‌ସିଂହପୁର ବ୍ଲକ ଅଞ୍ଚଳରେ ୧୧୨ଟି ମହିଳା ପୋଲିଂ ବୁଥ୍ ସମେତ ମଧୁସୂଦନପୁରସ୍ଥିତ ଜଗନ୍ନାଥ ହାଇସ୍କୁଲ ପରିସରରେ ଆଦର୍ଶ ମହିଳା ବୁଥ୍ କରାଯାଇଛି। ପାଟ୍ରୋଲିଂ ପାଇଁ ୩୦ଟି ମୋବାଇଲ ଦଳ ଗଠନ କରାଯାଇଛି। ପୋଲିସ ସବ୍‌ଇନ୍ସପେକ୍ଟର ଓ ଆସିଷ୍ଟାଣ୍ଟ ସବ୍‌ଇନ୍ସପେକ୍ଟର ଆଇନଶୃଙ୍ଖଳା ରକ୍ଷା ପାଇଁ ନିୟୋଜିତ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ଜଗତ୍‌ସିଂହପୁର ଜିଲା ପରିଷଦ ୧ନଂ. ଜୋନରେ ୯ଟି ପଞ୍ଚାୟତ, ୨ନଂ.ରେ ୭, ୩ନଂ.ରେ ୮ ଓ ୪ନଂ.ରେ ୬ଟି ପଞ୍ଚାୟତ ରହିଛି।

### ଡେରା ପଞ୍ଚାୟତରେ ଦୁର୍ନୀତି, ବିଡିଓଙ୍କୁ ଅଭିଯୋଗ

ରାଜନଗର, ୧୭।୨(ଡି.ଏନ.ଏ.)

ରାଜନଗର ବ୍ଲକ ୩୧ନଂ. ଜୋନ୍ ଡେରା ପଞ୍ଚାୟତରେ ନିର୍ବାଚନୀ ଉଷ୍ମତା ବଢିବାରେ ଲାଗିଛି। ପଞ୍ଚାୟତ ନିର୍ବାଚନକୁ ଆଉ ୨ଦିନ ବାକିଥିବା ବେଳେ ପୂର୍ବରୁ ହୋଇଥିବା ଦୁର୍ନୀତି ଏବେ ମୁଖ୍ୟ ପ୍ରସଙ୍ଗ ହୋଇଛି। ୨ ଦିନ ଧରି ଡେରା ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବ୍ଲକ କଂଗ୍ରେସ କମିଟି ସଭାପତି ଦେବେନ୍ଦ୍ର କୁମାର ଜେନା ଓ ଚଳିତ ନିର୍ବାଚନରେ ଡେରା ପଞ୍ଚାୟତରୁ ସମିତିସଭ୍ୟ ପ୍ରାର୍ଥୀ ହୋଇଥିବା ତାଙ୍କ ସ୍ତ୍ରୀ ନିରୁପମାଙ୍କ ନାଁରେ ପଞ୍ଚାୟତବାସୀଙ୍କ ଅଭିଯୋଗ କରଛନ୍ତି। ବୁଧବାର ସମିତିସଭ୍ୟା ପ୍ରାର୍ଥିନୀ ସାଧାରଣ ବର୍ଗର ହୋଇଥିବା ବେଳେ ଅନୁସୂଚିତ ଜାତି ବର୍ଗର କୋଟାରେ ଇନ୍ଦିରାଆବାସ ହାତେଇଥିବା ନେଇ ପରିପଙ୍ଗରା ଗାଁର ଭରତ ସେଠୀ ବିଡିଓଙ୍କ ନିକଟରେ ଅଭିଯୋଗ କରିଥିଲେ। ଗୁରୁବାର ଦେବେନ୍ଦ୍ର ଡେରାର ସରପଞ୍ଚ ଥିବା ବେଳେ ପଞ୍ଚାୟତରେ ବ୍ୟାପକ ଦୁର୍ନୀତି ହୋଇଛି। ଏପରିକି ଅଡିଟ୍ ରିପୋର୍ଟରେ ୩୫ ଲକ୍ଷ ୫୩ ହଜାର ୨୫୩ ଟଙ୍କାର ଦୁର୍ନୀତି ହୋଇଥିବା ନେଇ ଶ୍ରୀମୁଖ ଜେନା, ନରୋତ୍ତମ ସ୍ୱାଇଁ, ଭ୍ରମରବର ସ୍ୱାଇଁ, ମାନସ କୁମାର ସ୍ୱାଇଁ, ଅଭିରାମ ସାମଲ, ଭରତ କୁମାର ସାହୁ, ରୋହିତ ରାଉତ, ପବିତ୍ର କୁମାର ପଡିହାରୀ ପ୍ରମୁଖ ବିଡିଓଙ୍କୁ ଭେଟି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗରେ ୨୦୧୨ରୁ୧୭ ମଧ୍ୟରେ ପଞ୍ଚାୟତରେ ସମସ୍ତ ଯୋଜନାରେ ଦୁର୍ନୀତି ହୋଇଛି। ଦେବେନ୍ଦ୍ରଙ୍କ କାର୍ଯ୍ୟକାଳ ସରିଯିବା ପରେ ନୂତନ ସରପଞ୍ଚଙ୍କୁ କେବଳ ୪ଟି ପାସ୍‌ବୁକ ବ୍ୟତୀତ ଅନ୍ୟ କେସ୍ ରେକର୍ଡ ଚାର୍ଜ ଦିଆଯାଇ ନ ଥିଲା। ଅଡିଟ୍ ରିପୋର୍ଟ ଅନୁଯାୟୀ, ଭତ୍ତା ବାବଦରେ ୨ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀ, ଜଣେ ଜିଆରଏସ୍ ୮,୩୨,୩୦୦ ଟଙ୍କା ଓ ଜଣେ ପଞ୍ଚାୟତ ଅଧିକାରୀ ହାତଜମା ୪୪,୦୧୮ ଟଙ୍କା ରଖିଥିବା ବେଳେ ଅଡିଟ୍ ବେଳେ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ହୋଇଥିବା କାମ ବାବଦରେ ୧୦ ଲକ୍ଷ ୫୯ ହଜାର ଟଙ୍କାର ରସିଦ ଫାଇଲରେ ନ ଥିଲା। ଏହାକୁ ପେଶ କରିପାରି ନ ଥିଲେ। ଏଥିସହ ବିଭିନ୍ନ କାର୍ଯ୍ୟ ପାଇଁ ଉଠିଥିବା ୧୬,୨୪,୮୪୫ ଟଙ୍କାର କେସ୍ ରେକର୍ଡ ଓ ଏମ୍‌ବି ଡିପୋଜିଟ କରିପାରି ନ ଥିଲେ। ପରବର୍ତ୍ତୀ ଅବସ୍ଥାରେ ଜଣେ ପିଇଓ ଓ ଜଣେ ଜିଆରଏସ୍ ଭତ୍ତା ବାବଦରେ ରଖିଥିବା ଟଙ୍କା ଡିପୋଜିଟ କରିଛନ୍ତି। ଅକ୍ଟୋବର ୨୦୧୮ରୁ ଏହି ଅଡିଟ୍ ରିପୋର୍ଟ ଆସିଥିଲେ ମଧ୍ୟ ଆଜିଯାଏ ହଡପ ହୋଇଥିବା ଅର୍ଥ ସରକାରୀ ତହବିଲକୁ ଫେରିନି। ଏ ସମ୍ପର୍କରେ ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କୁ ପଚାରିବାରୁ ଅଭିଯୋଗ ମିଳିଛି, ନିର୍ବାଚନ ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।



ଏସ୍‌ଭିଏମ୍ ମହାବିଦ୍ୟାଳୟରୁ ପୋଲିଂ ପାର୍ଟି ଯିବାବେଳେ ପୋଲିସ ଉପସ୍ଥିତ ରହିଛି।

### ନିର୍ବାଚନ ପାଇଁ ବ୍ୟାପକ ପୋଲିସ ମୁତୟନ

କେନ୍ଦ୍ରାପଡ଼ା ଅଫିସ, ୧୭।୨

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟରେ କେନ୍ଦ୍ରାପଡ଼ା ଜିଲାର ରାଜକନିକା ଓ ମାର୍ଶାଘାଇ ବ୍ଲକରେ ମତଦାନ ଅନୁଷ୍ଠିତ ହେବ। ଏଥିପାଇଁ ଏହି ଦୁଇ ବ୍ଲକରେ ବ୍ୟାପକ ପୋଲିସ ମୁତୟନ ହୋଇଛନ୍ତି। ରାଜକନିକା ବ୍ଲକର ୪୮୪ ବୁଥ୍‌ରେ ନିର୍ବାଚନ ପାଇଁ ୧୫୯୭ ପୋଲିଂ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ୧୫ ମୋବାଇଲ ପାର୍ଟି ସହ ୫୩୩ ପୋଲିସ କର୍ମଚାରୀଙ୍କୁ ନିଯୁକ୍ତ କରାଯାଇଛି। ସେହିପରି ମାର୍ଶାଘାଇର ୩୬୬ ବୁଥ୍ ପାଇଁ ୧୨୧୨ ପୋଲିଂ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ଏହି ବ୍ଲକରେ ୧୫ ମୋବାଇଲ ପାର୍ଟି ସହ ୪୦୫ ପୋଲିସ କର୍ମଚାରୀ ନିଯୁକ୍ତ ହୋଇଛନ୍ତି। ଏଥିସହ ଦୁଇ ବ୍ଲକରେ ୭ ଜଣ ପଦାଧିକାରୀଙ୍କୁ ନିର୍ବାଚନ ପାଇଁ ମାଜିଷ୍ଟ୍ରେଟ ପଦବୀରେ ଅବସ୍ଥାପିତ କରାଯାଇଛି।

# ପଦବୀ ପୂରଣ ଦାବିରେ ଷ୍ଟାଫ୍ ନର୍ସଙ୍କ ଧାରଣା

କେନ୍ଦ୍ରାପଡ଼ା ଅଫିସ, ୧୭।୨

କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ୫୦ରୁ ଅଧିକ ଷ୍ଟାଫ ନର୍ସ ଆବଶ୍ୟକ। ମାତ୍ର ୧୭ ଷ୍ଟାଫ ନର୍ସ କାର୍ଯ୍ୟ କରୁଛନ୍ତି। ଖାଲି ପଡିଥିବା ପଦବୀ ପୂରଣ ଦାବିରେ ମୁଖ୍ୟ ଚିକିତ୍ସାଳୟର ଅଫିସ ସମ୍ମୁଖରେ ଷ୍ଟାଫ ନର୍ସମାନେ ଗୁରୁବାର ଗଣଧାରଣା ଦେଇଥିଲେ। ଧାରଣାକାରୀମାନେ ଏ ସମ୍ପର୍କରେ ସୂଚନା ଦେଇଛନ୍ତି, ଖାଲି ପଡିଥିବା ପଦବୀ ଯୋଗୁ ଚିକିତ୍ସା ସେବାରେ ସମସ୍ୟା ଦେଖା ଦେଇଛି। ପ୍ରତ୍ୟେକ ଷ୍ଟାଫନର୍ସଙ୍କୁ ସମୟ ଅବଧୀଠାରୁ ଅଧିକ କାର୍ଯ୍ୟ କରିବାକୁ ପଡୁଛି। ଏ ସମ୍ପର୍କରେ ଏଡିଏମ୍‌ଓ ଡା. ସଚ୍ଚିଦାନନ୍ଦ ମିଶ୍ର କହିଛନ୍ତି, ଷ୍ଟାଫ ନର୍ସଙ୍କ ସମସ୍ୟାକୁ ନେଇ ଆଲୋଚନା ହୋଇଛି। ଆସନ୍ତା ଦୁଇ ମାସ ମଧ୍ୟରେ ଏହି ସମସ୍ୟାର ସମାଧାନ ହେବ ବୋଲି ପ୍ରତିଶ୍ରୁତି ପରେ ସେମାନେ କାର୍ଯ୍ୟରେ ଯୋଗ ଦେଇଛନ୍ତି।




କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ ଅଫିସ ସମ୍ମୁଖରେ ଷ୍ଟାଫ୍ ନର୍ସମାନେ ଧାରଣା ଦେଇଛନ୍ତି।

# ଅସନ୍ତୁଷ୍ଟଙ୍କୁ ନୁହେଁ, ପ୍ରାର୍ଥିତ୍ୱକୁ ଭରସା

**ତିର୍ତ୍ତୋଲ ଜିଲା ପରିଷଦ ୪ନଂ.ଜୋନ୍**

- ଗତଥରର ଜିଲା ପରିଷଦ ଅଧ୍ୟକ୍ଷାଙ୍କ ସ୍ୱାମୀ ଏଥର ବିଜେଡି ପ୍ରାର୍ଥୀ



ଜଗତ୍‌ସିଂହପୁର ଅଫିସ, ୧୭।୨

ଜଗତ୍‌ସିଂହପୁର ଜିଲାର ୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ତିର୍ତ୍ତୋଲ ଜିଲା ପରିଷଦର ୪ନଂ. ଜୋନ୍ ବିଜେଡି ସଭ୍ୟା ପ୍ରିୟଦର୍ଶନୀ ବିଶ୍ୱାଳ ବିଜୟୀ ହୋଇ ଅଧ୍ୟକ୍ଷ ପଦ ଅଳଙ୍କୃତ କରିଥିଲେ। ଏଥର ତାଙ୍କ ସ୍ୱାମୀ ଏହି ଜୋନ୍ ଲାଗି ବିଜେଡି ପ୍ରାର୍ଥୀ ହୋଇଛନ୍ତି। ଗତ ନିର୍ବାଚନରେ ଏଠାରେ ବିଜେଡି ଓ କଂଗ୍ରେସ ମଧ୍ୟରେ ମୁକାବିଲା ହୋଇଥିଲା। କିନ୍ତୁ ଏଥର ଚିତ୍ର ବଦଳିଛି। ଏଥର ୫ ଜଣ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇଥିବା ବେଳେ ମୁଖତଃ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେବା ନେଇ ରାଜନୈତିକ ବିଶ୍ଳେଷକମାନେ ମତବ୍ୟକ୍ତ କରିଛନ୍ତି। ଏଠାରେ ଅସନ୍ତୁଷ୍ଟଙ୍କୁ ନୁହେଁ ବରଂ ପ୍ରାର୍ଥିତ୍ୱକୁ ଭୋଟର ଭରସା କରୁଛନ୍ତି। ବଡ଼କଥା ହେଲା, ଜିଲାର ଅଧିକାଂଶ ଜିଲା ପରିଷଦ ଜୋନ୍‌ରେ ଭାଜପା ଓ କଂଗ୍ରେସ ପ୍ରାର୍ଥୀମାନେ ଅସନ୍ତୁଷ୍ଟ ବିଜେଡି ଭୋଟକୁ ହାତେଇବା ଉପରେ ଗୁରୁତ୍ୱ ଦେଉଥିବା କହୁଛନ୍ତି। ମାତ୍ର ଏହି ଜୋନ୍‌ରେ ଭାଜପା ଓ କଂଗ୍ରେସ ପ୍ରାର୍ଥିତ୍ୱ ନିଆରା କଥା କହିବା ଆଲୋଚନାର ବିଷୟ ହୋଇଛି। ଜନସେବା, ବ୍ୟକ୍ତିତ୍ୱ ବଳରେ ସେମାନେ ରାଜନୀତିରେ ପାଦ ଥାପିଛନ୍ତି। ବିଜେଡିର ଅସନ୍ତୁଷ୍ଟମାନେ ନିଜ ଇଚ୍ଛାରେ ଆସିବାକୁ ଚାହିଁଲେ ଖୁସି ଲାଗିବ। କିନ୍ତୁ ତିକ୍ତତା କିମ୍ବା ଅସନ୍ତୋଷ ସୃଷ୍ଟିକରି ଭୋଟ ରାଜନୀତି କରିବେ ନାହିଁ ବୋଲି ୨ ନେତା କହିଛନ୍ତି।

ତିର୍ତ୍ତୋଲ ୪ନଂ. ଜୋନ୍‌ଟି ଗତଥର ମହିଳାଙ୍କ ପାଇଁ ସଂରକ୍ଷିତ ଥିଲା। କିନ୍ତୁ ଏଥର ଅସଂରକ୍ଷିତ କରାଯାଇଛି। ଏହି ଜୋନ୍ ବୋଧେଇ, ଗରାମ, ଇନ୍ଦ୍ରସିଂହ, ଜଗନ୍ନାଥପୁର, କଟରା, ତୁଲଙ୍ଗ ଓ ପିପଳମାଧବ ପଞ୍ଚାୟତକୁ ନେଇ ଗଠିତ। ଗତ ନିର୍ବାଚନରେ ଜୋନ୍‌ର ଭୋଟର ସଂଖ୍ୟା ୩୨,୩୪୮ ଥିଲା। କିନ୍ତୁ ଏଥର ଅଧିକ ୧୫୨୫ ଜଣ ଯୋଡ଼ି ହୋଇଛନ୍ତି। ୨୦୧୭ ନିର୍ବାଚନ ଫଳାଫଳ ଅନୁଯାୟୀ, ଜୋନ୍‌ରୁ ବିଜେଡି ପ୍ରାର୍ଥୀ ବିଶ୍ୱାଳଙ୍କୁ ୧୨,୩୫୧ ଖଣ୍ଡ ଭୋଟ ମିଳିଥିଲା। କଂଗ୍ରେସର ନିବେଦିତା ମହାନ୍ତିଙ୍କ ସପକ୍ଷରେ ୭,୮୪୮ ଖଣ୍ଡ ଭୋଟ ଯାଇଥିଲା। ଭାଜପାର ଜୟଲକ୍ଷ୍ମୀ ମହାନ୍ତିଙ୍କୁ ୪୮୮୭ ଖଣ୍ଡ ଭୋଟ ମିଳିଥିଲା। ତେବେ ଏଥିରେ କଂଗ୍ରେସ ପ୍ରାର୍ଥୀ ମହାନ୍ତିଙ୍କଠାରୁ ବିଜେଡିର ବିଶ୍ୱାଳ ଅଧିକ ୪୫୦୩ ଖଣ୍ଡ ଭୋଟ ପାଇ ଜିତିଥିଲେ। ଏଥର ବିଜେଡିରୁ ଗଙ୍ଗାଧର ବିଶ୍ୱାଳ, କଂଗ୍ରେସରୁ ନୀହାର ରଞ୍ଜନ ଓଝା, ଭାଜପାରୁ ସୁନନ୍ଦ କୁମାର ବିଶ୍ୱାଳ, ଆମ୍ ଆଦ୍‌ମୀ ପାର୍ଟିରୁ ମୃତ୍ୟୁଞ୍ଜୟ ରାଉତ ଓ ସ୍ୱାଧୀନ ଭାବେ ବାବାଜୀ ଚରଣ ମଲ୍ଲିକ ପ୍ରାର୍ଥୀ ହୋଇଛନ୍ତି।

ଭାଜପା ପ୍ରାର୍ଥୀ ସୁନନ୍ଦ ପ୍ରଥମଥର ପାଇଁ ସିଧାସଳଖ ନିର୍ବାଚନରେ ଅବତୀର୍ଣ୍ଣ ହୋଇଛନ୍ତି। ପୂର୍ବରୁ ଭାଜପା ଯୁବମୋର୍ଚ୍ଚା ସଭାପତି ଥିଲେ। ଏବେ ତିର୍ତ୍ତୋଲ ୪ ନଂ. ଜୋନ୍ ମଣ୍ଡଳ ସଭାପତି ଅଛନ୍ତି। ଏ ସମ୍ପର୍କରେ ସୁନନ୍ଦ କହିଛନ୍ତି, ତାଙ୍କ ନିଜ ପଞ୍ଚାୟତ ହେଉଛି ଜଗନ୍ନାଥପୁର। କେନ୍ଦ୍ର ସରକାରଙ୍କ ଜନହିତକାରୀ ଯୋଜନା ଲୋକଙ୍କୁ ଆକୃଷ୍ଟ କରୁଛି। କରୋନା ମହାମାରୀ ସମୟରେ ମାଗଣା ଟିକା ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶବାସୀଙ୍କ ବିଶ୍ୱାସ ଜିତିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ସ୍ୱଚ୍ଛ ଭାରତ ଓ ଉଜ୍ଜ୍ୱଳା ଆଦି ଯୋଜନାର ବାସ୍ତବ ରୂପାୟନ ହେଉଛି। ଆଗାମୀ ନିର୍ବାଚନରେ ଜୋନ୍ ଅନ୍ତର୍ଗତ ସମସ୍ତ ପଞ୍ଚାୟତରୁ ସନ୍ତୋଷଜନକ ଭୋଟ ମିଳିବ। କିନ୍ତୁ ତୁଲଙ୍ଗ, ଜଗନ୍ନାଥପୁର ଓ ପିପଳମାଧବରୁ ସବୁଠାରୁ ଅଧିକ ଭୋଟ୍ ମିଳିବ। ଗତ ନିର୍ବାଚନରେ ଜିତିଥିବା ପ୍ରାର୍ଥୀଙ୍କ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି ଲୋକେ ନିଷ୍ପତ୍ତି ନେବେ ବୋଲି ସେ କହିଛନ୍ତି। ବିଜେଡି ପ୍ରାର୍ଥୀ ଗଙ୍ଗାଧରଙ୍କ ନିଜ ପଞ୍ଚାୟତ ହେଉଛି ଗରାମ। ସେ କହିଛନ୍ତି, ଗତ ନିର୍ବାଚନରେ ଜିତି ଜିଲା ପରିଷଦ ଅଧ୍ୟକ୍ଷ ହେଲା ପରେ ତାଙ୍କ ସ୍ତ୍ରୀ ଅନେକ ଉନ୍ନୟନମୂଳକ କାର୍ଯ୍ୟ କରିଛନ୍ତି। ତଥାପି ଅନେକ କିଛି କରିବାକୁ ବାକି ଅଛି। କେତେକ ଗରିବ ଲୋକଙ୍କୁ ଆବାସ ଯୋଜନାରେ ଘର ମିଳିପାରିନାହିଁ। ଏପରି କି ଭତ୍ତାରୁ ମଧ୍ୟ ଅନେକେ ବଞ୍ଚିତ। ଲୋକଙ୍କ ସବୁ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଉଦ୍ୟମ କରିବେ। ଆଗାମୀ ନିର୍ବାଚନରେ ରାମ ଓ କଟରାରୁ ତାଙ୍କ ସପକ୍ଷରେ ରେକର୍ଡସଂଖ୍ୟକ ଭୋଟ ଯିବ ବୋଲି ସେ କହିଛନ୍ତି। ସଅଁରାର ନୀହାର ହେଉଛନ୍ତି କଂଗ୍ରେସ ପ୍ରାର୍ଥୀ। ନୂଆକରି ପ୍ରାର୍ଥୀ ହୋଇଛନ୍ତି। ରାଜ୍ୟସ୍ତରରେ ସେ ଔଷଧ ବ୍ୟବସାୟ କରନ୍ତି। ସେ କହିଥିଲେ, ଗରିବ ଲୋକଙ୍କୁ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସା ଜନିତ ସହାୟତା କରିବାରେ କେବେ ବି କୁଣ୍ଠା ପ୍ରକାଶ କରନ୍ତି ନାହିଁ। ଏପରି କି ଯେଉଁମାନଙ୍କ ପାଖରେ ଟଙ୍କା ନ ଥାଏ ସେମାନଙ୍କୁ ସେ ସାହସ ଦେଇଥାନ୍ତି। ଔଷଧ ଦୋକାନରେ ମାନି ରୁହନ୍ତି। ଏକଦା ଜଣେ ରୋଗୀଙ୍କ ପାଇଁ ସେ ୧୦ ଲକ୍ଷ ଟଙ୍କାର ଔଷଧ ବାକିରେ କରାଇ ଦେଇଥିଲେ। ପିଲାବେଳୁ ଦୁର୍ନୀତି କରନାହିଁ। ନିଷ୍କଳଙ୍କ ବ୍ୟକ୍ତିତ୍ୱ ହିଁ ତାଙ୍କ ସମ୍ବଳ ବୋଲି ନୀହାର ପ୍ରକାଶ କରିଛନ୍ତି। ତେବେ ଆଗକୁ ଦେଖିବାର ଅଛି ବାସ୍ତବରେ ଲୋକେ କେଉଁ ପ୍ରାର୍ଥୀଙ୍କୁ ସେମାନଙ୍କ ମୂଲ୍ୟବାନ ଭୋଟ ଦେଉଛନ୍ତି।

# ଓଡ଼ିଶା ପୁରୁଷ ଦଳ ସେମିରେ

**ଭୁବନେଶ୍ୱର, ୧୭।୨ (ସ୍ପୋର୍ଟ୍ସ ବ୍ୟୁରୋ)**

ଓଡ଼ିଶା ଭଲିବଲ ଆସୋସିଏଶନ (ଓଭିଏ) ଆନୁକୂଲ୍ୟରେ କିଟ୍‌ର ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଚାଲିଥିବା ଫେଡେରେଶନ୍ କପ୍ ଭଲିବଲ (ମହିଳା ଓ ପୁରୁଷ) ଟୁର୍ନାମେଣ୍ଟରେ ଗୁରୁବାର ଓଡ଼ିଶା ପୁରୁଷ ଦଳ ୩:୨ (୨୫-୨୩, ୨୫-୨୧, ୧୯-୨୫, ୨୭-୨୯ ଓ ୧୫-୧୨) ସେଟ୍‌ରେ କେରଳକୁ ପରାସ୍ତ କରିଛି। ଏଥିସହିତ ଭଲିବଲ ଫେଡେରେଶନ ଅଫ୍ ଇଣ୍ଡିଆର କୌଣସି ସିନିୟର ଚାମ୍ପିୟନଶିପ୍‌ରେ ପ୍ରଥମ ଥର ସେମିଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଛି। ତୃତୀୟ ଦିବସରେ ପୁରୁଷ ବିଭାଗରେ ଖେଳାଯାଇଥିବା ଅନ୍ୟ ମ୍ୟାଚଗୁଡ଼ିକ ମଧ୍ୟରେ ସର୍ଭିସେସ୍ ୩:୦ ସେଟ୍ (୨୫-୨୦, ୨୫-୨୩ ଓ ୨୫-୨୩)ରେ ଆସାମକୁ ପରାସ୍ତ କରିଛି। ମହିଳା ବିଭାଗରେ ରେଲୱେ ୩:୦ ସେଟ୍ (୨୫-୧୩, ୨୫-୧୪ ଓ ୨୫-୧୯) ସେଟ୍‌ରେ ଏବଂ କେରଳ ୩:୦ ସେଟ୍ (୨୫-୧୯, ୨୫-୧୦ ଓ ୨୫-୧୦)ରେ ଓଡ଼ିଶାକୁ ହରାଇ ଦେଇଛି। ଭଲିବଲ୍ ଫେଡେରେଶନ ଅଫ୍ ଇଣ୍ଡିଆ (ଭିଏଫ୍‌ଆଇ) ସଭାପତି, କିଟ୍ ଓ କିସ୍ ପ୍ରତିଷ୍ଠାତା ତଥା ଏମ୍‌ପି ପ୍ରଫେସର ଅଚ୍ୟୁତ ସାମନ୍ତ ଓଡ଼ିଶା ପୁରୁଷ ଦଳକୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କ ଆଗାମୀ ମ୍ୟାଚଗୁଡ଼ିକ ଲାଗି ଶୁଭକାମନା କରିଛନ୍ତି।

**ଫେଡେରେଶନ୍ କପ୍ ଭଲିବଲ**


କ୍ରୀଡ଼ା ସଚିବ ଆର୍. ଭିନିଲ କ୍ରିଷ୍ଣା ଓ ଅନ୍ୟ ଅତିଥିମାନଙ୍କ ସହ ଓଡ଼ିଶା ପୁରୁଷ ଭଲିବଲ୍ ଦଳ।

# ସିରିଜ ବିଜୟ ଲକ୍ଷ୍ୟରେ ଭାରତ

**କୋଲକାତା, ୧୭।୨ (ପି.ଟି.)**

ସ୍ଥାନୀୟ ଇଡେନଗାର୍ଡେନ୍ସଠାରେ ଶୁକ୍ରବାର ଭାରତ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଦ୍ୱିତୀୟ ଅନ୍ତର୍ଜାତୀୟ ଟି୨୦ କ୍ରିକେଟ ମ୍ୟାଚ ଖେଳାଯିବ। ବୁଧବାର ପ୍ରଥମ ଟି୨୦ ମ୍ୟାଚ ୬ଉଇକେଟରେ ବିଜୟ ହାସଲ କରିଥିବାରୁ ଏହି ମ୍ୟାଚ ଜିତି ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ କବ୍‌ଜା କରିନେବା ଲକ୍ଷ୍ୟରେ ରହିଛି ଭାରତ। ଭ୍ରମଣକାରୀ ୱେଷ୍ଟଇଣ୍ଡିଜ ଚଳିତ ଗସ୍ତକ୍ରମରେ ଏ ପର୍ଯ୍ୟନ୍ତ ଆୟୋଜକ ଦେଶକୁ ଅଡୁଆରେ ପକାଇବାରେ ସଫଳ ହୋଇ ନାହିଁ। ଅହମଦାବାଦରେ ଅନ୍ତର୍ଜାତୀୟ ଦିନିକିଆ ସିରିଜ ୦-୩ରେ ପରାସ୍ତ ହୋଇଥିବା କିରନ ପୋଲାର୍ଡଙ୍କ ନେତୃତ୍ୱାଧୀନ ଦଳ ଏହାର ଫେଭରାଇଟ୍ ଟି୨୦ ଫର୍ମାଟରେ ଭାରତକୁ ଚ୍ୟାଲେଞ୍ଜ ଦେବ ବୋଲି ଆଶା ରଖିଛି। ଭାରତ ଗସ୍ତ ପୂର୍ବରୁ ୱେଷ୍ଟଇଣ୍ଡିଜ ନିଜ ମାଟିରେ ଇଂଲଣ୍ଡକୁ ୩-୨ରେ ପରାସ୍ତ କରିବାରେ ସମର୍ଥ ହୋଇଥିଲା। ଭାରତ ଆଉ ଏକ ବିଜୟ ହାସଲ କରିପାରିଲେ ଟିମ୍ ଇଣ୍ଡିଆର ଫୁଲ୍‌ଟାଇମ୍ ଅଧିନାୟକ ହେବା ପରେ ରୋହିତ ଶର୍ମାଙ୍କର କ୍ରମାଗତ ତୃତୀୟ ସିରିଜ ବିଜୟ ହେବ। କୋହଲିଙ୍କ ଫର୍ମକୁ ନେଇ କେବଳ ଭାରତର ଚିନ୍ତା ରହିଛି। ସେ ତାଙ୍କ ଗତ ମ୍ୟାଚଗୁଡ଼ିକରେ ୮, ୧୮, ୦ ଓ ୧୭ ରନ ସଂଗ୍ରହ କରିଛନ୍ତି। ଗତ ମ୍ୟାଚରେ ଚମତ୍କାର ବ୍ୟାଟିଂ କରି ରୋହିତ ଉଭୟ ସମାଲୋଚକ ଓ ଗଣମାଧ୍ୟମର ମୁହଁ ଚୁପ୍ କରିଦେଇଛନ୍ତି। ପାୱାରପ୍ଲେର ଗୁରୁତ୍ୱ ସେ ଭଲରୂପେ ଜାଣନ୍ତି। ଏହି ସମୟରେ ସେ ୧୯ ବଲ୍‌ରୁ ୪୦ ରନ ସଂଗ୍ରହ କରି ଓଡିନ୍ ସ୍ମିଥ୍‌ଙ୍କ ଗୋଟିଏ ଓଭରରେ ୨୨ ରନ ସଂଗ୍ରହ କରିଥିଲେ। ଇଶାନ କିଶନଙ୍କ ବ୍ୟାଟିଂ ଉତ୍ସାହଜନକ ନ ଥିଲେ ମଧ୍ୟ ଦୁଇ ବ୍ୟାଟର ପାୱାର ପ୍ଲେରେ ୫୮ରନ ଯୋଗ କରିପାରିଥିଲେ। ଯାହାଫଳରେ ମିଡ୍‌ଲରେ ଶୀଘ୍ର ୩ଟି ଉଇକେଟ ପତନ ସତ୍ତ୍ୱେ ଭାରତ ସହଜରେ ୧୫୮ରନର ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ଅନ୍ୟପକ୍ଷରେ ୱେଷ୍ଟଇଣ୍ଡିଜ ପାଇଁ ଏକ ଭଲ ଖବର ହେଲା, ଉପଅଧିନାୟକ ନିକୋଲାସ ପୁରନ ଫର୍ମକୁ ଫେରିଛନ୍ତି। ଆଘାତପ୍ରାପ୍ତ ଥିବାରୁ ପ୍ରଥମ ଅନ୍ତର୍ଜାତୀୟ ଟି୨୦ ଖେଳିପାରି ନ ଥିବା ବୋଲିଂ ଅଲରାଉଣ୍ଡର ଜାସନ ହୋଲ୍ଡର ଦଳକୁ ଫେରିବେ ବୋଲି ଆଶା କରାଯାଉଛି।

**ମ୍ୟାଚ ଆରମ୍ଭ : ରାତି ୭ଟା**
**ପ୍ରସାରଣ: ଷ୍ଟାର ନେଟ୍‌ୱର୍କ**

# ଡିଏସ୍‌ପି ଭାବେ ଯୋଗଦେଲେ ବୀରେନ୍ଦ୍ର

**ଭୁବନେଶ୍ୱର, ୧୭।୨ (କ୍ରୀଡ଼ା ପ୍ରତିନିଧି)**




ଟୋକିଓ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ବିଜୟୀ ଭାରତୀୟ ଦଳର ଅନ୍ୟତମ ସଦସ୍ୟ ଓଡ଼ିଶାର ବୀରେନ୍ଦ୍ର ଲାକ୍ରା ଗୁରୁବାର ଓଡ଼ିଶା ପୋଲିସରେ ଡିଏସ୍‌ପି ଭାବେ ଯୋଗ ଦେଇଛନ୍ତି। ଅଲିମ୍ପିକ୍ସରେ ବ୍ରୋଞ୍ଜ ଜିତିବା ପରେ ଓଡ଼ିଶା ସରକାର ବୀରେନ୍ଦ୍ର ଓ ଅମିତ ରୋହିଦାସଙ୍କୁ ଆର୍ଥିକ ପୁରସ୍କାରରେ ସମ୍ମାନିତ କରିବା ସହ ଡିଏସ୍‌ପି ଚାକିରି ଅଫର ଦେଇଥିଲେ। କିଛିଦିନ ତଳେ ଅନ୍ତର୍ଜାତୀୟ ହକିରୁ ଅବସର ଗ୍ରହଣ କରିଥିବା ଓଡ଼ିଶାର ତାରକା ଡିଫେଣ୍ଡର ରାଜ୍ୟ ସରକାରଙ୍କ ଏହି ଅଫରକୁ ଗ୍ରହଣ କରିଛନ୍ତି।

# କଠିନ ପୁଲ୍ ବି'ରେ ଭାରତ

**ଭୁବନେଶ୍ୱର, ୧୭।୨ (ପି.ଟି.):** ଆଗାମୀ ଏଫ୍‌ଆଇଏଚ୍ ମହିଳା ହକି ବିଶ୍ୱକପ୍ ପାଇଁ ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଓ ଚାଇନା ସହ ଭାରତୀୟ ଦଳକୁ ପୁଲ୍ ବି'ରେ ସ୍ଥାନ ମିଳିଛି। ହକି ଇଣ୍ଡିଆ ପକ୍ଷରୁ ଗୁରୁବାର ଏବିଷୟରେ ସୂଚନା ଦିଆଯାଇଛି। ଟୁର୍ନାମେଣ୍ଟ ଜୁଲାଇ ୧ରୁ ସ୍ପେନ୍ ଓ ନେଦରଲାଣ୍ଡ୍ସରେ ହେବ। ନିକଟରେ ମସ୍କାଟଠାରେ ଅନୁଷ୍ଠିତ ଏସିଆ କପ୍‌ରେ ତୃତୀୟ ସ୍ଥାନ ଅଧିକାର କରି ଭାରତୀୟ ଦଳ ଯୋଗ୍ୟତା ହାସଲ କରିଛି। ଏହି ପରିପ୍ରେକ୍ଷୀରେ ଭାରତୀୟ ଗୋଲକିପର ସବିତା କହିଛନ୍ତି, ଆମକୁ ଏକ କଠିନ ପୁଲ୍‌ରେ ସ୍ଥାନ ମିଳିଛି। ଏଥିରେ ସ୍ଥାନ ପାଇଥିବା ଇଂଲଣ୍ଡ ( ବିଶ୍ୱର ୩ ନମ୍ବର) ଓ ନ୍ୟୁଜିଲାଣ୍ଡ (ବିଶ୍ୱର ୮ ନମ୍ବର) ଆମଠାରୁ ଉଚ୍ଚ ର୍‍ୟାଙ୍କିଂପ୍ରାପ୍ତ ଦଳ। ବିପକ୍ଷ ଦଳର ସାମର୍ଥ୍ୟ ଉପରେ ଧ୍ୟାନ ନ ଦେଇ ଆମେ ସବୁବେଳେ ନିଜ ପ୍ରସ୍ତୁତି ଉପରେ ମନୋନିବେଶ କରୁଛୁ। ଗତ ବର୍ଷ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ଦଳ ଶ୍ରେଷ୍ଠ ପ୍ରଦର୍ଶନ କରି ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ବିଶ୍ୱକପର ଗତ ସଂସ୍କରଣରେ ପ୍ରଥମ ଥର ଦଳ ଶ୍ରେଷ୍ଠ ୮ ମଧ୍ୟରେ ସ୍ଥାନ ପାଇଥିଲା। ଅନ୍ୟପକ୍ଷରେ ନେଦରଲାଣ୍ଡ୍ସ ପୁଲ୍ ଏ'ରେ ସ୍ଥାନ ପାଇଛି। ଏଥିରେ ଜର୍ମାନୀ, ଆୟର୍ଲାଣ୍ଡ ଓ ଚିଲି ରହିଛନ୍ତି। ପୁଲ୍ ସି'ରେ ଆୟୋଜକ ସ୍ପେନ, ଆର୍ଜେଣ୍ଟିନା, କୋରିଆ ଓ କାନାଡା ରହିଛନ୍ତି। ସେହିପରି ଅଷ୍ଟ୍ରେଲିଆ, ବେଲଜିୟମ, ଜାପାନ ଓ ଦକ୍ଷିଣ ଆଫ୍ରିକାକୁ ପୁଲ୍ ଡି'ରେ ସ୍ଥାନ ମିଳିଛି।

# ପ୍ଲେ-ଅଫ୍‌ରେ ୟୁପି ଯୋଦ୍ଧା

**ବେଙ୍ଗାଲୁରୁ, ୧୭।୨ (ପି.ଟି.):** ୟୁ ମୁମ୍ବାକୁ ୩୫-୨୮ରେ ପରାସ୍ତ କରି ୟୁପି ଯୋଦ୍ଧା ଚଳିତ ପ୍ରୋ କବାଡ଼ି ଲିଗ୍‌ର ପ୍ଲେ-ଅଫ୍‌କୁ ଉନ୍ନୀତ ହୋଇଛି। ୟୁପିର ଟପ୍ ସ୍କୋରର ସୁରେନ୍ଦର ଗିଲ୍ ୮ ପଏଣ୍ଟ ଏବଂ ଡିଫେଣ୍ଡର ଅଂଶୁ ସିଂ, ଶୁଭମ କୁମାର ଓ ସୁମିତ ପ୍ରତ୍ୟେକ ୩ ପଏଣ୍ଟ ଲେଖାଏ ସ୍କୋର କରିଥିଲେ। ଗୁରୁବାର ଏହି ପରାଜୟ ଦ୍ୱାରା ମୁମ୍ବାଇ ଚତୁର୍ଥ ଦଳ ଭାବେ ପ୍ଲେ ଅଫ୍ ଦୌଡ଼ରୁ ବାହାର ହୋଇଯାଇଛି। ଅଧିନାୟକ ନୀତେଶ କୁମାରଙ୍କ ନେତୃତ୍ୱରେ ୟୁପିର ଡିଫେନ୍ସ ସୁଦୃଢ ରହିଥିଲା। ଏହାକୁ ଭେଦ କରିବା ୟୁ ମୁମ୍ବା ରେଡର ଅଜିତ୍ କୁମାର ଓ ଅଭିଷେକ ସିଂଙ୍କ ପକ୍ଷେ କଷ୍ଟକର ଥିଲା।

# ସାନିଆ-ହ୍ରାଡେକା ସେମିଫାଇନାଲରେ

**ଦୁବାଇ, ୧୭।୨ (ପି.ଟି.):** ଏଠାରେ ଗୁରୁବାର ଜାପାନର ଶୁକୋ ଆଓୟାମା ଓ ସର୍ବିୟାର ଆଲେକ୍‌ସାଣ୍ଡ୍ରା କ୍ରୁନିକ୍‌ଙ୍କ ବିପକ୍ଷରେ ବିଜୟ ହାସଲ କରି ଭାରତୀୟ ଟେନିସ ଷ୍ଟାର ସାନିଆ ମିର୍ଜା ଓ ତାଙ୍କ ଚେକ୍ ପାର୍ଟନର ଲୁସି ହ୍ରାଡେକା ଦୁବାଇ ଟେନିସ ଚାମ୍ପିୟନସ୍ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଡବ୍ଲ୍ୟୁଟିଏ ୫୦୦ ଟୁର୍ନାମେଣ୍ଟ ପାଇଁ ୱାଇଲ୍ଡ କାର୍ଡ ପାଇଥିବା ସାନିଆ ଓ ହ୍ରାଡେକା କ୍ୱାର୍ଟରଫାଇନାଲରେ ଜାପାନିଜ୍-ସର୍ବିୟାନ ଯୋଡ଼ିଙ୍କୁ ୭-୫, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଇଣ୍ଡୋ-ଚେକ୍ ଯୋଡ଼ି ବର୍ତ୍ତମାନ ଟପ୍ ସିଡ୍ ଜାପାନର ଇନା ଶିବାହାରା ଓ ଚାଇନାର ଶୁଆଇ ଝାଙ୍ଗ୍ ଏବଂ ୟୁକ୍ରେନ୍‌ର ଲ୍ୟୁଦମିଲା କିଚେନକ ଓ ଲାଟଭିଆର ଜେଲେନା ଓଷ୍ଟାପେଙ୍କୋଙ୍କ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚର ବିଜେତାଙ୍କୁ ଭେଟିବେ। ସୂଚନାଯୋଗ୍ୟ, ୨୦୧୩ରେ ସାନିଆ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ)ର ବେଥାନି ମାଟେକ-ସ୍ୟାଣ୍ଡ୍ସଙ୍କୁ ପାର୍ଟନର କରି ଏଠାରେ ଟାଇଟଲ ଜିତିଥିଲେ। ଭାରତର ସବୁଠାରୁ ସଫଳ ଏହି ମହିଳା ଟେନିସ ଖେଳାଳି ୬ଟି ଗ୍ରାଣ୍ଡସ୍ଲାମ ଟାଇଟଲ ହାସଲ କରିଛନ୍ତି। ତନ୍ମଧ୍ୟରେ ୩ଟି ମିକ୍ସଡ ଡବଲ୍ସ ଟ୍ରଫି ରହିଛି।

**ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ**
**INSTITUTE OF MATHEMATICS AND APPLICATIONS**
ବିଜ୍ଞାନ ଓ ବୈଷୟିକ ବିଭାଗ, ଓଡ଼ିଶା ସରକାର
SCIENCE & TECHNOLOGY DEPARTMENT, GOVT. OF ODISHA
ଅନ୍ଧାରୁଆ, ଭୁବନେଶ୍ୱର: ୭୫୧୦୨୯
Andharua, Bhubaneswar - 751029
ଆଇ.ଏମ୍.ଏ/୧୯/୧୦୨/୨୦୨୨, ତା୧୬.୦୨.୨୦୨୨
ୱେବ୍‌ସାଇଟ୍: www.iomaorissa.ac.in

**ହାଇସ୍କୁଲ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କ ପାଇଁ ଗଣିତ ତାଲିମ ଶିବିର**

No. CAD-2962:– ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ବୈଷୟିକ ବିଭାଗ ଅଧୀନରେ ପରିଚାଳିତ ଭୁବନେଶ୍ୱରସ୍ଥିତ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ ଦ୍ୱାରା ଓଡ଼ିଶାର ହାଇସ୍କୁଲ ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କ ନିମିତ୍ତ 2 ଦିନିଆ ଗଣିତ ତାଲିମ ଶିବିର ଆୟୋଜନ କରାଯିବ । ତାଲିମ ଶିବିରରେ ମୁଖ୍ୟତଃ ଅଭିନବ ଓ ଆକର୍ଷଣୀୟ ଢାଞ୍ଚାରେ ଗଣିତ ଶିକ୍ଷା ପ୍ରଦାନ ଇତ୍ୟାଦି ବିଷୟରେ ଶିବିରରେ ଅଂଶଗ୍ରହଣ କରିଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରାଯିବ । ଆଗ୍ରହୀ ହାଇସ୍କୁଲ ଶିକ୍ଷୟିତ୍ରୀ/ଶିକ୍ଷକ ଏକ ନିର୍ଦ୍ଦିଷ୍ଟ ଫର୍ମରେ ଆବେଦନ କରିପାରିବେ । ଉପରୋକ୍ତ ଶିବିରରେ ଅଂଶଗ୍ରହଣ କରି ନ ଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ଅଗ୍ରାଧିକାର ଦିଆଯିବ । ଶିବିରରେ ଅଂଶଗ୍ରହଣ ନିମନ୍ତେ ଆବଶ୍ୟକ ଆବେଦନ ଫର୍ମଟି ଅନୁଷ୍ଠାନର ୱେବସାଇଟରେ ଉପଲବ୍ଧ ଅଟେ । ଶିବିରାର୍ଥୀମାନଙ୍କ ଗସ୍ତ ଖର୍ଚ୍ଚ, ରହିବା, ଖାଇବା ଇତ୍ୟାଦି ବିଷୟରେ ସବିଶେଷ ବିବରଣୀ ଅନୁଷ୍ଠାନର ୱେବସାଇଟ୍‌ରେ ଉପଲବ୍ଧ ଅଛି । ଅନୁଷ୍ଠାନର ୱେବ୍‌ସାଇଟ୍ ଠିକଣା ହେଉଛି www.iomaorissa.ac.in

OIPR-28006/11/0009/2122 କୁଳସଚିବ

**OFFICE OF THE BIRMITRAPUR MUNICIPALITY, BIRMITRAPUR**
No. 458/Dt. 16.02.2022
MUN-GC Mis-XI-05/2022

**TENDER CALL NOTICE FOR HIRING OF VEHICLE**

**No. C-1939:-** Sealed quotations are invited from interested and reputed Travel Agencies/Tour Operators or Private individuals for providing 1 (One) Light Motor Vehicle like Non-A.C. Marshal/Bolero/Tata Sumo/Mahindra Max Diesel which must confirm to the terms and condition for the use in Birmitrapur Municipality on monthly hire as per Finance Department Norms.

1) The vehicle must be in road worthy condition and shall not be more than 3 years old from the date of intitial registration and must have valid Registration Certificate, Insurance Certificate, Fitness Certificate, Valid Contract Carriage Permit, Proof of up-to-date tax payment etc.
2) The driver of the vehicle must have a valid Driving License for driving light motor passenger vehicle and should be sufficiently experienced in driving light motor vehicle.
3) The Driver should be well behaved, gentle and obedient in nature.
4) A sum of Rs.1000/- (Rupees one thousand) only in shape of a/c Payee Bank Draft drawn in favour of Executive Officer, Birmitrapur Municipality shall be enclosed with the quotation as EMD which is refundable. EMD of unsuccessful bidders shall be refunded after finalization of the tender process.
5) Rs.5000/- (Rupees Five Thousand only) to be deposited by successful bidder as security deposit in shape of Account Payee Bank Draft drawn in favour of Executive Officer, Birmitrapur Municipality. The amount will be refunded after the vehicle disengated subject to deduction if any.
6) The monthly rate of hire charges be quoted separately in the General Bid Information (excluding fuel and lubricants).
7) Efficiency of the vehicle per litre shall be indicated.
8) The details of the make and year of manufacture of the vehicle, registration No., mileage (Km covered per litre) and name of the driver with Driving License No. and period of validity should be specifically provided in the General Bid Information to be furnished with the quotations.
9) The vehicle owner shall provide POL during duty period. The quotation shall indicate the monthly hiring charges and the cost of POL separately.
10) The quotation completed in all respects in Annexure-I & II should reach the undersigned on or before 28.02.2022 by 01.30 PM and shall be opened on the same day at 4.00 PM in the presence of the bidders or their authorized representatives who may wish to attend.
11) The other terms and conditions as well as general information of hiring vehicles are attached as Annexure I & II respectively.
12) The authority reserves right to cancel any or all the quotations without assigning any reason thereof.

Sd./- **Executive Officer, Birmitrapur Municipality**
OIPR-13193/11/0002/2122

**DIRECTORATE OF MEDICAL EDUCATION & TRAINING, ODISHA**
HOD BUILDING, BHUBANESWAR-751001
Website: dmetodisha.gov.in

**NOTICE FOR RENEWAL OF NOC FOR THE ACADEMIC SESSION: 2022-2023**
**(Notice No.: MET-I-MISC-45/2021/1808 Dt: 14.2.2022)**

No.E-917:- It is for information of all concerned that as per the Govt. Notification: 26601/H Dt.22/10/19, the private institutions for different courses who desire to apply for renewal of their valid NOC for the academic session 2022-2023, may apply online in DMET (O) website.

The Online application form for submission is availabe in the website: **dmetodisha.gov.in**

**The last date of receipt of application is 7.3.2022. Online application will not be accepted after the due date. No manual/offline/postal application shall be accepted.**

OIPR-10016/11/0029/2122 **Sd./- DMET, Odisha**

**ORISSA STATE HOUSING BOARD**
SACHIVALAYA MARG, BHUBANESWAR-751001
Ph: (0674) 2393524, EPBAX: (0674) 2391542, 2390141
FAX: (0674) 2393952, Visit us at: www.oshb.org

No. 1934/Rec.-74/19/OSHB Date: 15.02.2022

**PRESS NOTICE**

No.CAD-2968:- In continuation to the notice published in The Samaja and The Dharitri on dtd.08.04.21, OSHB has cancelled the allotment due to chronic default in payment of dues and taken over physical possession of the following houses and shop in the housing scheme at Jharsuguda, at Badapatrapalli, ph-I, Sundargarh and at Kendupadar, Phulbani on following due procedure of resale. No grievances from any manner will be entertained by OSHB.

| Name of the Scheme | House/Shop No. |
|---|---|
| SHS Jharsuguda | LIG-II-12, LIG-II-115, LIG-II-166, LIG-I-37 |
| Badapatrapalli Ph-I, Sundargarh | LIG-10 |
| Kendupadar, Phulbani (Kandhamal) | Shop No.-K-8 |

It is brought to the notice of the all concerned that the assets now belong to OSHB and will be sold by OSHB as per terms and conditions.

Sd./- SECRETARY
Odisha State Housing Board
OIPR-13030/11/0402/2122

**ODISHA PUBLIC SERVICE COMMISSION, CUTTACK**
**NOTICE**
**No.1526/PSC, Dt.17.02.2022**
**(1R-68-21/22) (DR-V)**

**No.D-320:** The programme for interview for the post of Associate Professor in "Home Science" notified earlier vide this office Notice No.9690/PSC, dt.31.12.2021 is now rescheduled as per the following programme mentioned below.

| Date | Time of Interview | PPSAN |
|---|---|---|
| 10.03.2022 | 02.30 P.M. | 00109749, 00109606, 00109025 & 00109234= **04 Candidates** |
| 11.03.2022 | 10.30 A.M. | 00085381, 00109209, 00109595, 00109547 & 00109466 =**05 Candidates** |

**The candidates are mandatorily required to bring all those documents which they were earlier advised vide aforementioned Notice No. No.9690/PSC, dt.31.12.2021.**

Besides, in case the candidates suffering from COVID they should intimate the same to the Commission in advance so that special arrangement may be made by the Commission for their interview.

The other terms and conditions as made earlier in this office Notice dated.31.12.2021 remain unchanged.

**Sd./- Secretary**
**OIPR-12002/11/0249/2122**

**ODISHA PUBLIC SERVICE COMMISSION, CUTTACK**
**NOTICE**
**No.1518/PSC, Dt.17.02.2022**
**(1R-71-21/22) (DR-V)**

**No.D-318:** The programme for interview for the post of Professor in "Home Science" notified earlier vide this office Notice No.9694/PSC, dt.31.12.2021 is now rescheduled as per the following programme mentioned below.

| Date | Time of Interview | PPSAN |
|---|---|---|
| 07.03.2022 | 10.30 A.M. | **00111090 & 00110100=02 Candidates** |

**The candidates are mandatorily required to bring all those documents which they were earlier advised vide aforementioned Notice** No.9694/PSC, dt.31.12.2021.
Besides, in case the candidates suffering from COVID they should intimate the same to the Commission in advance so that special arrangement may be made by the Commission for their interview. The other terms and conditions as made earlier in this office Notice dated 31.12.2021 remain unchanged.

**Sd./- Secretary**
**OIPR-12002/11/0254/2122**

**ODISHA PUBLIC SERVICE COMMISSION, CUTTACK**
**NOTICE**
**No.1534/PSC, Dt.17.02.2022**
**(1R-73-21/22) (DR-V)**

**No.D-316:** It is for information that, the candidate bearing following Ref. No. is called for interview as per the programme drawn below for recruitment to the post of Professor in Marine Science (Oceanography), pursuant to the advertisement No. 10 of 2021-2022.

| Date | Time of Interview | Ref. No. |
|---|---|---|
| 28.02.2022 | 10.30 A.M. | **Ref.No.221**= 01 Candidates |

**The candidate is advised to produce following documents at the time of interview: -**
**1. All original Research Publications/Books.**
**2. Photocopy of front and back cover pages of published books-04 sets.**
**3. Photocopies of 10 best original publications-04 sets**

**In case the candidates suffering from COVID they should intimate the same to the Commission in advance so that special arrangement may be made by the Commission for their interview.**

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission half an hour before the commencement of interview on the scheduled date & time as mentioned above. Every candidate is strictly advised to adhere to the COVID guidelines as notified by the Government from time to time while attending the interview process.

**Sd./- Secretary**
**OIPR-12002/11/0248/2122**

**ODISHA PUBLIC SERVICE COMMISSION CUTTACK**
**NOTICE**
**No. 1522/PSC, dt. 17.02.2022**
**(1R-22-21/22) (DR-V)**

**No. D-319:-** The programme for interview for the post of **Assistant Professor in "Home Science"** notified earlier vide this office Notice No.9703/PSC, dt.01.01.2022 is now rescheduled as per the following programme mentioned below.

| Date | Time of Interview | PPSAN of Candidates |
|---|---|---|
| 07.03.2022 | 12.00 Noon | 00099820, 00078935 & 00091048 = **03 Candidates** |
| | 2.30 P.M. | 00090115, 00089233, 00098181, 00086800 & 00091550 = **05 Candidates** |
| 08.03.2022 | 10.30 A.M. | 00085381, 00091874, 00082691, 00086840, 00094312, 00089739, 00089295 & 00091941 = **08 Candidates** |
| | 02.30 P.M. | 00096978, 00089938, 00086613, 00095825 & 00089932 = **05 Candidates** |
| 09.03.2022 | 10.30 A.M. | 00085279, 00093922, 00088367, 00086410, 00094677, 00086703, 00093239 = **07 Candidates** |
| | 02.30 P.M. | 00087689, 00082109, 00094761, 00046800 & 00017165 = **05 Candidates** |
| 10.03.2022 | 10.30 A.M. | 00090548, 00060947, 00080034, 00024363, 00088626, 00050301 & 00056635 = **07 Candidates** |

**The candidates are mandatorily required to bring all those documents which they were earlier advised vide aforementioned Notice No. 9703/PSC, dt.01.01.2022.**

Besides, in case the candidates suffering from COVID they should intimate the same to the Commission in advance so that special arrangement may be made by the Commission for their interview.

The other terms and conditions as made earlier in this office Notice dt.01.01.2022 remain unchanged.

OIPR-12002/11/0253/2122 **Sd./- Secretary**

**ODISHA PUBLIC SERVICE COMMISSION, CUTTACK**
**NOTICE**
**No.1538/PSC, Dt.17.02.2022**
**(1R-69-21/22) (DR-V)**

**No.D-317:** It is for information of all concerned that, the candidates bearing following PPSAN are called for interview as per the programme drawn below for recruitment to the post of **Associate Professor in Marine Science (Oceanography)**, pursuant to the advertisement No. 06 of 2021-2022.

| Date | Time of Interview | PPSAN |
|---|---|---|
| 28.02.2022 | 11.30 A.M. | 00109690, 00110319, 00109807, 00091661 & 00110428= 5 Candidates |

**The candidates are advised to produce following documents at the time of interview:-**
**1. All original Research Publications/Books.**
**2. Photocopy of front and back cover pages of published books-04 sets.**
**3. Photocopies of 10 best original publications-04 sets**

**In case the candidates suffering from COVID they should intimate the same to the Commission in advance so that special arrangement may be made by the Commission for their interview.**

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission half an hour before the commencement of interview on the scheduled date & time as mentioned above. Every candidate is strictly advised to adhere to the COVID guidelines as notified by the Government from time to time while attending the interview process.

**Sd./- Secretary**
**OIPR-12002/11/0251/2122**

# ଆଜି ରଣପୁର ବ୍ଲକରେ ଭୋଟ

ନୟାଗଡ଼ ଅଫିସ,୧୭।୨

ଶୁକ୍ରବାର ନୟାଗଡ଼ ଜିଲା ରଣପୁର ବ୍ଲକର ୨୧,୨୨,୨୩ ଓ୨୪ ନଂ. ଜିଲାପରିଷଦ ଜୋନ୍‌ର ୫୧୭ ବୁଥ୍‌ରେ ଭୋଟ୍ ଗ୍ରହଣ ହେବ । ୨୮୩ଟି ସ୍ଥାନରେ ଖୋଲିଥିବା ୫୧୭ ବୁଥ୍ ମଧ୍ୟରୁ ୮୫ ଉତ୍ତେଜନାପ୍ରବଣ ରହିଛି। ସମସ୍ତ ବୁଥ୍‌ରେ ୨ ହଜାର ୦୬୮ ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ପ୍ରତି ବୁଥ୍‌ରେ ଜଣେ ପ୍ରିଜାଇଡିଂ ଅଫିସର, ଦୁଇ ପୋଲିଂ ଅଫିସର, ଜଣେ ପୋଲିସ କର୍ମଚାରୀଙ୍କୁ ନିଯୁକ୍ତି କରାଯାଇଛି । ବ୍ଲକର ୩୭ ପଞ୍ଚାୟତ ପାଇଁ ଜଣେ ଅତିରିକ୍ତ ଏସ୍‌ପି, ୫ ଡିଏସ୍‌ପି, ୧୧ ଇନ୍ସପେକ୍ଟର, ୨୩୬ ଗ୍ରାମରକ୍ଷୀଙ୍କୁ ନିୟୋଜିତ କରାଯାଇଛି । ଅନ୍ୟପକ୍ଷେ ଉତ୍ତେଜନା ପ୍ରବଣ ବୁଥ୍‌କୁ ନିୟନ୍ତ୍ରଣ ପାଇଁ ୩୫ ମୋବାଇଲ ସ୍କ୍ୱାଡ୍ ଗଠନ କରାଯାଇଛି । ଏହାକୁ ୯ଜଣ ସୁପର ଭାଇଜିଂ ଅଫିସର ନିୟନ୍ତ୍ରଣ କରିବେ । ସେଠାରେ ଗୋଟିଏ ବୁଥ୍‌କୁ ପିଙ୍କ୍ ବୁଥ୍ କରାଯାଇଛି । ସମସ୍ତ ମହିଳା ପୋଲିଂ କର୍ମଚାରୀଙ୍କୁ ଏହି ବୁଥ୍‌ରେ ନିୟୋଜିତ କରାଯାଇଛି ।

ରଣପୁର ନିର୍ବାଚନମଣ୍ଡଳୀରେ ରଣପୁର ବ୍ଲକର ୨୧,୨୨,୨୩ ଓ ୨୪ ନଂ.ଜୋନ୍ ଏବଂ ଓଡ଼ଗାଁ ବ୍ଲକର ୩ ଓ ୪ନଂ. ଜୋନ୍ ମିଶାଇ ୬ ଜୋନ୍ ରହିଛି । ଏହି ୬ ଜୋନ୍ ମଧ୍ୟରୁ ଓଡ଼ଗାଁ ବ୍ଲକର ୩ ଓ ୪ ନଂ. ଜୋନ୍ ନିର୍ବାଚନ ପ୍ରଥମ ପର୍ଯ୍ୟାୟ ଭୋଟ ଗତ ୧୬ ତାରିଖରେ ଶେଷ ହୋଇଛି । ୩, ୪, ୨୨ ଓ ୨୩ନଂ. ଜୋନ୍ ଭାଜପା ଦଖଲରେ ଥିଲା। ୨୦୧୭ ତ୍ରିସ୍ତରୀୟ ନିର୍ବାଚନରେ ଏହି ୪ ଜୋନ୍ ଭାଜପା ଦଖଲକୁ ଚାଲିଯିବା ପରେ ବିଜେଡିର ସଙ୍ଗଠନ ଦୁର୍ବଳ ହୋଇପଡିଥିଲା। ୨୦୧୯ ନିର୍ବାଚନରେ ଶାସକ ଦଳର



■ ୮୫ ସମ୍ବେଦନଶୀଳ ବୁଥ୍

■ ବିଜେଡି ପାଇଁ ଅଗ୍ନିପରୀକ୍ଷା

ବିଧାୟକ ଭାବେ ସତ୍ୟନାରାୟଣ ପ୍ରଧାନ ରଣପୁର ନିର୍ବାଚନମଣ୍ଡଳୀରେ ବିଜୟୀ ହୋଇଥିଲେ। ଇତିମଧ୍ୟରେ ବିଧାନସଭା ନିର୍ବାଚନ ଯିବାର ୩ ବର୍ଷ ବିତିଛି । ୩ ବର୍ଷ ଭିତରେ ବିଜେଡିର ଦୁର୍ଗକୁ ବିଧାୟକ ସଜାଡି ନ ପାରିବା ଦୁର୍ବଳ ସଙ୍ଗଠନକୁ ପଦାରେ ପକାଇଛି । ଭାଜପା ଦଖଲରେ ଥିବା ବିଭିନ୍ନ ପଞ୍ଚାୟତରେ ବିଜେଡି ଦୁର୍ବଳ ହୋଇ ରହିଗଲା। ଭାଜପାର ତୃଣମୂଳସ୍ତରରେ ସଙ୍ଗଠନ ନ ଥିଲେ ବି ଦଳ ଆଗୁଆ ରହିଗଲା । ଏଣୁ ବିଭିନ୍ନ ସମୟରେ ବିଧାୟକଙ୍କୁ ଅପଦସ୍ତ ହେବାକୁ ପଡିଛି। ନିଜ ଗଡ଼ରେ ବି ବିଧାୟକ ଅପଦସ୍ତ ହେବାର ନଜିର ଅଛି । ବିଜେଡି ଦଖଲରେ ଥିବା ୨୧ନଂ.ଜୋନ୍ ବ୍ରଜରାଜପୁର, ଡମସାହି, ଦର୍ପନାରାୟଣପୁର, ଗୌରାଙ୍ଗପୁର, ପିମ୍ପଲ, ରଙ୍କଦେଉଳି, ବାଉଁଶଗଡ଼, ଖଡିଆ, ବଜ୍ରକୋଟ ପ୍ରଭୃତି ପଞ୍ଚାୟତ ଓ ୨୪ନଂ.ଜୋନ୍ ବନ୍ଧମୁଣ୍ଡା, ଚମ୍ପାଗଡ଼,ଚାନ୍ଦପୁର,ଜଙ୍କିଆ, ପଟିଆ, ମୟୁରଝାଲିଆ, ରାଇପଡ଼ା, କନ୍ଦନୂଆଗଡ଼, କେରେଣ୍ଡାଟାଙ୍ଗୀ, ଝାଡ଼ପଡ଼ା ପଞ୍ଚାୟତରେ ଦଳୀୟ କନ୍ଦଳ ବଢ଼ି ଚାଲିଛି । ଏଣୁ ଶାସକ ଦଳର ଜିଲା ପରିଷଦର ପ୍ରାର୍ଥୀ ବିଭିନ୍ନ ଅଞ୍ଚଳକୁ ଯାଇ ଭୋଟରଙ୍କ ପ୍ରଶ୍ନବାଣର ଶିକାର ହେଉଛନ୍ତି। ସେହିଭଳି ବିଭିନ୍ନ ପଞ୍ଚାୟତରେ ସରପଞ୍ଚ,ସମିତିସଭ୍ୟ ପଦବୀରେ ଏକାଧିକ ସମର୍ଥିତ ପ୍ରାର୍ଥୀ ଥିବାରୁ ଭୋଟ ବିଭାଜନ ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି । ବିରୋଧି ଭାଜପା ଓ କଂଗ୍ରେସର ସଙ୍ଗଠନ ନ ଥାଇ ବି ସେମାନେ ଆଗକୁ ବଢ଼ି ଚାଲିଛନ୍ତି। ପଞ୍ଚାୟତ ନିର୍ବାଚନ ବିଧାୟକଙ୍କ ଲୋକପ୍ରିୟତା ମାପକାଠି ହୋଇଛି । ଏଣୁ ୪ ଜୋନ୍‌ରେ ଦଳୀୟ ପ୍ରାର୍ଥୀଙ୍କୁ ଜିତାଇବା ବିଧାୟକଙ୍କପାଇଁ ଅଗ୍ନୀ ପରୀକ୍ଷା ସଦୃଶ ହୋଇଛି । ବିଧାୟକନିଜନିର୍ବାଚନମଣ୍ଡଳୀର ୬ ଜିଲା ପରିଷଦ ପ୍ରାର୍ଥୀଙ୍କୁ ବିଜୟୀ କରାଇ ନ ପାରିଲେ ଲୋକପ୍ରିୟତା ହରାଇବା କଥା ଚର୍ଚ୍ଚାକୁ ଆସିବ ବୋଲି ରାଜନୈତିକ ବ୍ୟକ୍ତିମାନେ କହିଛନ୍ତି ।

## ସଂକ୍ଷେପରେ

### ଆଇନ ସେବା ପ୍ରାଧିକରଣ ତରଫରୁ ସଚେତନତା

**ପାରଳାଖେମୁଣ୍ଡି,୧୭।୨(ଡି.ଏନ.ଏ):** ରାଜ୍ୟ ଆଇନ ସେବା ପ୍ରାଧାକରଣ ଓ ଜିଲା ଜଜ୍ ତଥା ପ୍ରାଧିକରଣ ଅଧକ୍ଷ ସତ୍ୟପ୍ରିର ମିଶ୍ରଙ୍କ ନିର୍ଦ୍ଦେଶକ୍ରମେ ଗଜପତି ଜିଲା ଆଇନ ସେବା ପ୍ରାଧିକରଣ ତରଫରୁ ଅନଲାଇନରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲା ଜଜ୍ ହେମନ୍ତ କୁମାର ସେଠୀ, ମୁଖ୍ୟ ବିଚାରବିଭାଗୀୟ ଅଧିକାରୀ ମାନସ କୁମାର ପଣ୍ଡା, ବରିଷ୍ଠ ଦେୱାନୀ ଅଧିକାରୀ ଦିପଙ୍କର ପଟ୍ଟନାୟକ, ପ୍ରାଧିକରଣର ସଚିବ ରବିନାରାୟଣ ବେହେରା, ସିଭିଲ କୋର୍ଟ ରେଜିଷ୍ଟ୍ରର ସତ୍ୟବ୍ରତ ରାଣା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରିଣୀ ସୁଶ୍ରୀ ଶୁଭଲକ୍ଷ୍ମୀ ପ୍ରିୟଦର୍ଶନୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ପାରାଳାଖେମୁଣ୍ଡି ଅତିରିକ୍ତ ଜିଲା ଜଜ୍ ଯୋଗଦେଇ ମୋଟର ଦୁର୍ଘଟଣା ଜନିତ ଆବେଦନ ଆଇନ ବିଷୟରେ ବୁଝାଇଥିଲେ। ମୁଖ୍ୟ ବିଚାରବିଭାଗୀୟ ଅଧିକାରୀ ସଡକ ସୁରକ୍ଷା ଓ ଯାନବାହାନ ଚଳାଚଳ ଆଇନ ବିଷୟରେ ସଚେତନ କରିଥିବା ବେଳେ ବରିଷ୍ଠ ଦେୱାନୀ ଅଧିକାରୀ ମୋବାଇଲ ଧରି ଯାନବାହାନ ନ ଚଳାଇବା, ହେଲମେଟ ପିନ୍ଧିବା ଏବଂ ଟ୍ରାଫିକ ନିୟମ ମାନିବାକୁ ପଡିବ ବୋଲି ସଚେତନତା କରିଥିଲେ। ଶେଷରେ ପ୍ରାଧିକରଣର ସଚିବ ମାଗଣା ଆଇନ ସେବା ବିଷୟରେ ବୁଝାଇଥିଲେ । ଅନ୍ୟମାନଙ୍କ ମଧରେ ଜିଲାର ପୋଲିସ ଅଧିକାରୀ, ଆଇନଜୀବୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

### କାର୍ଯ୍ୟକ୍ଷମ ହେଉନି ମିଶନ ଶକ୍ତି ବିୟୁଟି ସେଣ୍ଟର

**କାଶୀନଗର,୧୭।୨:** କାଶୀନଗର ମେଡିକାଲ ଛକ ମାର୍କେଟ କମ୍ପ୍ଲେକ୍ସରେ ଗତବର୍ଷ ଅକ୍ଟୋବର ମାସରେ ମହିଳାମାନଙ୍କୁ ସଶକ୍ତୀକରଣ ନିମନ୍ତେ ରାଜ୍ୟ ସରକାରଙ୍କ ମିଶନଶକ୍ତି ବିଭାଗ ତରଫରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ବିୟୁଟି ସେଣ୍ଟର କରାଯାଇଥିଲା। ଗଜପତି ଜିଲାପାଳ, ପିଡି, ଡିପିଏମ୍‌ଙ୍କ ପ୍ରତ୍ୟକ୍ଷ ତଦାରଖରେ ଉକ୍ତ କାର୍ଯ୍ୟ କରାଯାଇଥିଲା। ତଥାପି ଧାର୍ଯ୍ୟ ଦିନରେ ଏହାର ଉଦ୍‌ଘାଟନ ହୋଇପାରି ନ ଥିଲା। ଦୀର୍ଘଦିନ ବନ୍ଦ ଉକ୍ତ କେନ୍ଦ୍ରର ଦାୟିତ୍ୱ ନେଇଥିବା ବୁଦୁରା ସ୍ୱୟଂସେବକ ଗୋଷ୍ଠୀର ମହିଳାମାନେ ବିୟୁଟି ସେଣ୍ଟର ଚାଲୁ କରିଥିଲେ। ମାତ୍ର ଦୁଇ ଦିନ ଏହା ଖୋଲା ହେବା ପରେ ଏଠାକୁ କୌଣସି ମହିଳା ଆସୁନାହାନ୍ତି। ବିୟୁଟି ସେଣ୍ଟର ବାରଣ୍ଡାରେ ବର୍ତ୍ତମାନ ଗାଡ଼ି ପାର୍କିଂ ହେଉଥିବା ପରିଲକ୍ଷିତ ହେଉଛି। ରାଜ୍ୟ ସରକାର ମହିଳାମାନଙ୍କୁ ସଶକ୍ତୀକରଣ ନିମନ୍ତେ ବ୍ୟାପକ ଅର୍ଥ ମଞ୍ଜୁ କରି ଖର୍ଚ୍ଚ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ଅବହେଳା, ଖାମଖିଆଲ ଯୋଗୁ କେନ୍ଦ୍ର ଅଚଳ ହୋଇପଡ଼ିଛି। ବିୟୁଟି ସେଣ୍ଟର କିପରି କାର୍ଯ୍ୟକ୍ଷମ ହେବ ଓ ମହିଳାମାନେ ସ୍ୱାବଲମ୍ବୀ ହେବେ ସେ ନେଇ ବିଭାଗୀୟ ଅଧିକାରୀ, ଜିଲାପାଳ ଏବଂ ସରକାର ଦୃଷ୍ଟି ଦେବାକୁ ଦାବି ହେଉଛି।

### ଲତାଜୀ,ବାପି ଲାହିରୀଙ୍କ ସ୍ମୃତିସଭା

ଭଞ୍ଜନଗର,୧୭।୨(ଡି.ଏନ.ଏ): ଉତ୍କଳ କଳାକାର ମହାସଂଘ ଭଞ୍ଜନଗର ଶାଖା ପକ୍ଷରୁ ସୁର ସାମାଜ୍ଞି ଲତା ମଙ୍ଗେସକର ଏବଂ ସଙ୍ଗୀତକାର ତଥା ଗାୟକ ବାପି ଲାହିରୀଙ୍କ ବିୟୋଗରେ ବୁଧବାର ଭଞ୍ଜନଗା ଚକରା ବିଷୋୟୀ ଛକରେ ବୁଧବାର ରାତିରେ ଅନୁଷ୍ଠିତ ହୋଇଯାଇଛି। ଏହା ପୂର୍ବରୁ ସଂଘର କଣ୍ଠଶିଳ୍ପୀମାନେ ସହରରେ କ୍ୟାଣ୍ଡେଲ ଶୋଭାଯାତ୍ରା କରିଥିଲେ । ପରେ ଉଭୟଙ୍କ ସ୍ମୃତିରେ ଓଁ ସଙ୍ଗୀତ ଏକାଡ଼େମୀ ପକ୍ଷରୁ ଲତାଜୀ ଏବଂ ବାପି ଦା ଗାଇଥିବା ଗୀତଗୁଡ଼ିକୁ କଣ୍ଠଶିଳ୍ପୀମାନେ ପରିବେଷଣ କରିଥିଲେ। ସଂଘର ସଭାପତି ପ୍ରଦୀପ କୁମାର ସ୍ୱାଇଁ ଏଥିରେ ଅଧକ୍ଷତା କରିଥିଲେ। ସମ୍ପାଦକ ଶିଶିର କାନ୍ତ ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଅବସରପ୍ରାପ୍ତ କଲେଜ ଅଧକ୍ଷ କୃତିବାସ ବିଶ୍ୱାଳ, ପୂର୍ବତନ ରେଞ୍ଜର ଅନୁପମ ବାନାର୍ଜି, ସଂଘର ଜିଲା ନିର୍ଦ୍ଦେଶିକା ଅନୁରାଧା ସାହ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ ।

### ଖୋଲାରେ ଧାନବସ୍ତା, ଚାଷୀ ନିରାଶ

ଶେରଗଡ଼,୧୭।୨(ଡି.ଏନ୍.ଏ.)-ଧାନ ଅମଳର ୩ ମାସ ବିତିଛି। ଚାଷୀ ଅମଳ ଧାନ ବସ୍ତା କରି ନିରାଶ୍ରୟ ଭଳି ଖଳାରେ ଘୋଡେଇ ରଖିଛନ୍ତି। କେବେ ମଣ୍ଡି ଧାନ ନେବ କିଛି କହି ହେଉ ନାହିଁ। ଦୁଇ ଥର ଟୋକନ ଆସି ଫେରିଲାଣି। ହେଲେ ମଣ୍ଡି ଧାନ ନେବାର ନା ଧରୁନି। ଏହିପରି ଭାବେ ବ୍ଲକର ବିଜୟ୍ ରଘୁନାଥପୁର, ପଟାପାବୁଲି, ବରମୁଣ୍ଡଳୀ, ବରିକୋଟ, ପରମାନନ୍ଦପୁର, ବନ୍ଧାଗୁଡ଼ା, କୁଲାଗଡ଼, ମହୁପଦର, ଶେରଗଡ଼ ଗ୍ରାମର ବହୁ ଚାଷୀଙ୍କ ପାଖରେ ଧାନ ରଖିଛନ୍ତି। ନିର୍ବାଚନ ପରେ ଧାନ ନିଆଯିବ ବୋଲି କହି ଚାଷୀଙ୍କୁ ସାନ୍ତ୍ୱନା ଦିଆ ଚାଲିଛି ବୋଲି ଚାଷୀ ଜଣଙ୍କ ମତ ପ୍ରକାଶ କରିଛନ୍ତି। ଚାଷୀମାନେ ସମବାୟ ସମିତି ଓ ଯୋଗାଣ ନିରୀକ୍ଷକଙ୍କ ପାଖକୁ ଧାଇଁ ଧାଇଁ ନୟାନ୍ତ ହେଲେଣି ।

## କୁସୁମୀ ସେତୁ ନିର୍ମାଣ ସରିଲା

ଖଣ୍ଡପଡ଼ା,୧୭।୨(ସ୍ୱ.ପ୍ର.)

ଦୀର୍ଘ ୬ବର୍ଷ ପରେ କୁସୁମୀ ସେତୁ ନିର୍ମାଣ ଶେଷ ହୋଇଛି । ଖଣ୍ଡପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୭ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ୬ ସ୍ପାନ୍ ବିଶିଷ୍ଟ ଏହି ସେତୁଟି ନିର୍ମାଣ ସରିବା ପରେ ଆଖପାଖ ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି । ୨୦୧୫ ଏପ୍ରିଲରୁ ଏହି ସେତୁ କାମ ଆରମ୍ଭ ହୋଇଥିଲା । ଏବେ ସେତୁକୁ ସଂଯୋଗ କରୁଥିବା ଉଭୟ ପାର୍ଶ୍ୱ ଆପ୍ରୋଚ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲୁ ରହିଛି । ଖଣ୍ଡପଡ଼ା ସହରର ଜେଲଖାନା ଛକରୁ ବନମାଳୀପୁର ଗ୍ରାମ ଦେଇ ନିକଟସ୍ଥ କାଚେରାସାହି ଛକକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତାରେ ଅବସ୍ଥିତ କୁସୁମୀ ନଦୀ ଉପରେ ବିଜୁ ସେତୁ ଯୋଜନାରେ ଏହି ସେତୁ ନିର୍ମାଣ କରାଯାଇଛି। ୨୦୧୭ ଏପ୍ରିଲ ଶେଷ ସୁଦ୍ଧା

**୨୦୧୫ରୁ କାମ ଆରମ୍ଭ ହୋଇଥିଲା**



ନବ ନିର୍ମିତ କୁସୁମୀ ସେତୁ।

ଉକ୍ତ ସେତୁ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପାଇଁ ସ୍ଥିର ହୋଇଥିଲା । ମାତ୍ର ସେତୁ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାରଙ୍କ ଅକାଳ ମୃତ୍ୟୁ ପରେ କାମରେ ମନ୍ଥରତା ଦେଖା ଦେଇଥିଲା । ସେତୁ ନିର୍ମାଣ ଶେଷ ହେବା ପରେ ଯାତାୟାତ ଆରମ୍ଭ ହୋଇଛି। ବିଳମ୍ବରେ ହେଉ ପଛେ କୁସୁମୀ ସେତୁ ନିର୍ମାଣ କାର୍ଯ୍ୟ ଶେଷ ହୋଇଥିବାରୁ ଅଞ୍ଚଳବାସୀ ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷଙ୍କୁ କୃତଜ୍ଞତା ଜଣାଇଛନ୍ତି ।

## ଶରଣ ଶ୍ରୀକ୍ଷେତ୍ରରୁ ନୀଳମାଧବଙ୍କ ପାଇଁ ତୁଳସୀ, ପରିବା ଆସିଲା

ଖଣ୍ଡପଡ଼ା,୧୭।୨(ସ୍ୱ.ପ୍ର.)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଅଧୀନ ଏକଘରିକିଆ ଗ୍ରାମର ଶରଣ ଶ୍ରୀକ୍ଷେତ୍ରରୁ ଶ୍ରୀନୀଳମାଧବଙ୍କ ପାଇଁ ତୁଳସୀ ଓ ବିଭିନ୍ନ ପରିବା ଆସିଛି ଭକ୍ତ ଚିଣ୍ଟୁ ନୀଳମାଧବଙ୍କ ସେବାୟୀ ଓ ଶ୍ରଦ୍ଧାଳୁଙ୍କ ପରାମର୍ଶ କ୍ରମେ ତୁଳସୀ ମାଳ, ଫୁଲ ଓ ପ୍ରସାଦ ଲାଗି କଖାରୁ, କଞ୍ଚା କଦଳୀ ସହ ଅନ୍ୟାନ୍ୟ ପରିବା ଧରି ଗୁରୁବାର କଣ୍ଟିଲୋରେ ପହଞ୍ଚି ଥିଲେ । ଲୀଳାମୟ ଠାକୁରଙ୍କୁ ରସିକ ରାଜ କୁହାଯାଏ । ତାଙ୍କର ନୀତି ଓ ବେଶରେ ବିଭିନ୍ନ ରଙ୍ଗ ଓ ବାସ୍ନାର ଫୁଲ ଲାଗି ହୋଇଥାଏ । ତୁଳସୀ ଦୟଣା ପ୍ରିୟ ଠାକୁର ସିଏ । ତାଙ୍କ ପୂଜାରେ ତୁଳସୀ, ମସ୍ତକରେ ତୁଳସୀ ଆଉ ମହାପ୍ରସାଦରେ ତୁଳସୀ ବି ଲାଗି ହୋଇଥାଏ। ଠାକୁରଙ୍କ ଛଡାତୁଳସୀ ପାଇବାରେ ଭକ୍ତଙ୍କ ଆତ୍ମ ସନ୍ତୋଷ ମିଳିଥାଏ । ମହାପ୍ରଭୁଙ୍କର ଏମିତି ନୀତି ନାହିଁ ଯେଉଁଠି ତୁଳସୀ ନ ଥାଏ। ଏହି ସବୁ ଦୃଷ୍ଟିରେ ରଖି ଗୁରୁବାର ଶ୍ରୀ ନୀଳମାଧବ ଜୀଉଙ୍କ ମନ୍ଦିର ପଶ୍ଚିମ ଦ୍ୱାରରେ ଚିଣ୍ଟୁବାବା ଉପରୋକ୍ତ ସାମଗ୍ରୀ ନେଇ ପହଞ୍ଚି ଥିଲେ । ନୀଳମାଧବ ପୂଜକ ସମାଜ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା ।



ଶରଣ ଶ୍ରୀକ୍ଷେତ୍ରରୁ ଆସିଥିବା ପରିବା ଓ ଫୁଲ,ତୁଳସୀ।

## ‘ଆତ୍ମନିର୍ଭରଶୀଳ ହେଲେ ବେକାରି ସମସ୍ୟା ହଟିବ’

ନୂଆଗାଁ,୧୭।୨(ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ଯୁକ୍ତ ତିନି ଡିଗ୍ରୀ କଲେଜ ପରିସରରେ ଗୁରୁବାର ସେବା ଉତ୍ସବ ସମିତି ଓ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଆତ୍ମନିର୍ଭର ଭାରତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦେଶର ମୋଟ ଜନସଂଖ୍ୟାର ୬୦ ଭାଗ ଯୁବବର୍ଗ । ଦେଶର ସାମାଜିକ ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଏହି ଯୁବବର୍ଗଙ୍କ ଅବଦାନ ସବୁଠୁ ଅଧିକ । ତେଣୁ ବର୍ତ୍ତମାନ ଦେଶରେ ବେକାରି ସମସ୍ୟା ଯେଉଁଭଳି ଭୟାନକ ହୋଇଛି ତା’ର ଏକମାତ୍ର ସମାଧାନ ହେଲା ଆତ୍ମନିର୍ଭର ଭାରତ। ଦେଶର ଯୁବପିଢ଼ି ଚାକିରି ପଛରେ ନ ଗୋଡ଼ାଇ ନିଜେ ସ୍ୱାବଲମ୍ବୀ ତଥା ଆତ୍ମନିର୍ଭର ହୋଇ ପାରିଲେ ଦେଶରୁ ବେକାରି ସମସ୍ୟା ଦୂର ହୋଇ ପାରିବ ବୋଲି ନୂଆଗାଁ ବିଡିଓ ପ୍ରମୋଦ କୁମାର ନାୟକ କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି। ନୂଆଗାଁ ଡିଗ୍ରୀ କଲେଜ ପରିସରରେ ନେହେରୁ ଯୁବକେନ୍ଦ୍ର ସଙ୍ଗଠକ ଓ ସେବା ଉତ୍ସବ ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଆତ୍ମନିର୍ଭର ଭାରତ ଓ ଯୁବକ ଶୀର୍ଷକ କର୍ମଶାଳାରେ ନୂଆଗାଁ ବିଡିଓ ନାୟକ, ଅବସରପ୍ରାପ୍ତ ବ୍ୟାଙ୍କ ମ୍ୟାନେଜର ଚରଣ କୁମାର ନାୟକ, ଯୁକ୍ତ ତିନି ଡିଗ୍ରୀ କଲେଜ ଅଧ୍ୟକ୍ଷ ସୁରେଶ କୁମାର ସାହୁ ଓ ଯୁବ ଆଇନଜୀବୀ ଅଭିଳାଷ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କଲେଜର ଛାତ୍ରୀଛାତ୍ରମାନେ ଏହି କର୍ମଶାଳାରେ ଉପସ୍ଥିତ ଥିଲେ ।



କର୍ମଶାଳାରେ ମଞ୍ଚାସୀନ ଅତିଥିବୃନ୍ଦ।

## ବାପାଙ୍କୁ ଖୋଜି ଆଣିବାକୁ ପୁଅର ନିବେଦନ

ଦଶପଲ୍ଲା,୧୭।୨(ଡି.ଏନ.ଏ.)

ଦଶପଲ୍ଲା ବ୍ଲକ ମଧଖଣ୍ଡ ପଞ୍ଚାୟତ ବାଘୁଆପଶି ଗ୍ରାମର ବିପିନ କୁମାର ବେହେରାଙ୍କ ବାପା ପରୀକ୍ଷିତ ବେହେରା(୫୭) ଗତ ୩ ତାରିଖରୁ କୁଆଡ଼େ ଚାଲି ଯାଇଛନ୍ତି । ସେ ଜଣେ ମାନସିକ ବିକୃତି ବ୍ୟକ୍ତି । ଏ ସଂକ୍ରାନ୍ତରେ ସେ ଥାନାରେ ଅଭିଯୋଗ କରିବା ସହ ବାପାଙ୍କୁ ଖୋଜି ଆଣିବାକୁ ବିପିନ ଦଶପଲ୍ଲା ଥାନା ଅଧିକାରୀଙ୍କୁ ଆକୁଳ ନିବେଦନ କରିଛନ୍ତି ।

## ପ୍ରଚାରଗାଡ଼ି ମୁହାଁମୁହିଁ

ନୟାଗଡ଼ ଅଫିସ,୧୭।୨

ନୟାଗଡ଼ ବ୍ଲକ କେନ୍ଦୁଡ଼ିପି ପଞ୍ଚାୟତରେ ଶାସକ ଦଳର ଦୁଇ ସମର୍ଥିତ ସରପଞ୍ଚ ପ୍ରାର୍ଥୀଙ୍କ ପ୍ରଚାର ଗାଡ଼ି ବୁଧବାର ରାତିରେ କେନ୍ଦୁଡ଼ିପିଠାରେ ମୁହାଁମୁହିଁ ହୋଇଥିଲା। ଜଣେ ପ୍ରାର୍ଥୀଙ୍କ ଦଳୀୟ ଅଫିସ ସମ୍ମୁଖରେ ପ୍ରଚାର ଗାଡ଼ି ରହିଥିବାବେଳେ ଅନ୍ୟଜଣଙ୍କ ପ୍ରଚାରଗାଡ଼ି ସେଠାରେ ଅଟକି ଯାଇଥିଲା। ଏଠାରେ ଦୁଇ ସମର୍ଥକଙ୍କ ମଧ୍ୟରେ କଥା କଟାକଟି ଓ ବିବାଦ ଦେଖାଦେଇଥିଲା । ଘଟଣାସ୍ଥଳରେ ଇଟାମାଟି ଥାନା ପୋଲିସ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା।

## ଶକ୍ତି ପ୍ରଦର୍ଶନ କଲେ ୩ ଦଳ

ନୟାଗଡ଼ ଅଫିସ,୧୭।୨

ତୃତୀୟ ପର୍ଯ୍ୟାୟ ନିର୍ବାଚନ ୨୦ରେ ନୟାଗଡ଼ ବ୍ଲକରେ ହେବ। ୧୮ରେ ଏନେଇ ପ୍ରଚାର ଶେଷ ହେବ। ଏଣୁ ବିଜେଡି,କଂଗ୍ରେସ ଓ ଭାଜପା ପକ୍ଷରୁ ଗୁରୁବାର ଶକ୍ତି ପ୍ରଦର୍ଶନ ହୋଇଛି । ବିଜେଡି ଓ କଂଗ୍ରେସ ପକ୍ଷରୁ ଖୁଣ୍ଟୁବନ୍ଧରେ ରୋଡଶୋ କରାଯାଇଛି । ସେହିପରି ଲେଙ୍କୁଡିପଡା, ଚମ୍ପତିପୁର,ନାଟୁଗାଁରେ ବଡଧରଣର ବିଜେଡିର ସଭା କରାଯାଇଛି। ଏଥିରେ ମନ୍ତ୍ରୀ ଅରୁଣ ସାହୁ ଯୋଗଦେଇ ଜିଲାପରିଷଦ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ । କଂଗ୍ରେସ ପକ୍ଷରୁ ଜିଲା ସଭାପତି ରଣଜିତ ଦାଶ, ଭାଜପା ପକ୍ଷରୁ ଜିଲା ସଭାପତି ଲାଲା ମନୋଜ ରାୟ ଓ ନାରୀନେତ୍ରୀ ଇରାନୀ ରାୟ ଭୋଟ ମାଗିଥିଲେ ।

## ବୁଥ୍ ଭିତରେ ପ୍ରାର୍ଥୀଙ୍କ ପ୍ରଚାର

ନୟାଗଡ଼ ଅଫିସ,୧୭।୨

ପ୍ରଥମ ପର୍ଯ୍ୟାୟ ନିର୍ବାଚନ ଓଡ଼ଗାଁବ୍ଲକରେ ଅନୁଷ୍ଠିତ ହୋଇଥିଲା। ଅଧିକାଂଶ ସ୍ଥାନରେ ଦେଖାଯାଇଥିଲା ସରପଞ୍ଚ, ସମିତି ସଭ୍ୟ,ୱାର୍ଡମେ଼ର ପ୍ରାର୍ଥୀମାନେ ବୁଥ୍‌ଠାରୁ ୫୦ରୁ ୧୦୦ ମିଟର ଭିତରେ ରହି ନିଜ ପାଇଁ ଭୋଟ ପ୍ରଚାର କରୁଥିଲେ। ନିକଟରେ ପୋଲିସ ଥିଲେ ମଧ୍ୟ କିଛି କହୁ ନ ଥିଲା। ଆଉ କେତେକ ସ୍ଥାନରେ ପୋଲିସ ବାରଣ କରିବା ପରେ ପ୍ରାର୍ଥୀମାନେ ଚାଲି ଯାଉଥିଲେ । ପୋଲିସ ଗଲାପରେ ପୁଣି ପୂର୍ବବସ୍ଥା ଦେଖିବାକୁ ମିଳୁଥିଲା। ୨ୟ ପର୍ଯ୍ୟାୟ ଭୋଟରେ ଏହା ଯେପରି ନ ହେବ ସେଥିପ୍ରତି ଦୃଷ୍ଟି ଦେବାକୁ ଭୋଟରମାନେ ଦାବି କରିଛନ୍ତି।

## ସମର୍ଥକ ପ୍ରାର୍ଥୀଙ୍କ ପାଇଁ ପ୍ରଚାର

ନୟାଗଡ଼ ଅଫିସ,୧୭।୨

ସରପଞ୍ଚ ସମିତି ସଭ୍ୟ ପ୍ରାର୍ଥୀ ଦଳୀୟ ନୁହନ୍ତି। ହେଲେ ଅନେକ ରାଜନୈତିକ ଦଳ ପକ୍ଷରୁ ଦଳର ରାଜ୍ୟ ମୁଖିଆ,ବିଧାୟକ, ଜିଲା ଓ ବ୍ଲକ ମୁଖିଆଙ୍କ ଫଟୋ ଥାଇ ଦଳୀୟଭିତିରେ ପ୍ରଚାର କରାଯାଇଥିଲା । ପୁଣି ମନ୍ତ୍ରୀ, ବିଧାୟକ ସରପଞ୍ଚ, ସମିତିସଭ୍ୟପ୍ରାର୍ଥୀଙ୍କୁ ବିଜୟୀ କରାଇବାକୁ ରୋଡଶୋ, ଜିଲା ପରିଷଦ ପାଇଁ ଉର୍ଦ୍ଧେଷ୍ଟ ସଭାରେ କହିଥିବା ଶୁଣିବାକୁ ମିଳିଛି । ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକୁ ଅନେକ ରାଜନୈତିକ ଦଳର ନେତା ଫୁ କରି ଉଡାଇ ଦେଇଛନ୍ତି ।

## ନାବାଳକ ନିଖୋଜ ଅଭିଯୋଗ

ନୟାଗଡ ଅଫିସ,୧୭।୨

ନୟାଗଡ଼ ଟାଉନ ଥାନା ଘଡୁଆଳ ଗାଁର ରାଜେନ୍ଦ୍ର ପାଳଙ୍କ ପୁଅ ଲିକୁ (୧୪) ଗୁରୁବାର ପୂର୍ବାହ୍ନ ୭ଟାରେ ନିଖୋଜ ହୋଇ ଯାଇଛନ୍ତି। ପରିବାର ପକ୍ଷରୁ ବିଭିନ୍ନ ସ୍ଥାନ, ବନ୍ଧୁ ବାନ୍ଧବଙ୍କଘରେ ଖୋଜାଯାଇଥିଲେମଧ ଲିକୁଙ୍କ ଟେର ମିଳିନି । ଏନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି।

## ବୋକଡ଼ା ଟିମ୍ ଚାମ୍ପିୟନ

ଖଣ୍ଡପଡ଼ା,୧୭।୨(ସ୍ୱ.ପ୍ର.)

**ରାଇଜିଂଷ୍ଟାର କ୍ରିକେଟ ଟୁର୍ଣ୍ଣାମେଣ୍ଟ**

ରାଇଜିଂ ଷ୍ଟାର କ୍ରିକେଟ କ୍ଲବ୍ ସିଧାମୂଳା ଆନୁକୂଲ୍ୟରେ ସ୍ଥାନୀୟ ଏମ୍‌ଇ ସ୍କୁଲ ଖେଳପଡ଼ିଆଠାରେ ଚାଲିଥିବା ଗ୍ରାମାଞ୍ଚଳ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଗୁରୁବାର ଉଦ୍‌ଯାପନୀ ଦିବସରେ ବୋକଡ଼ା କ୍ରିକେଟ କ୍ଲବ ୭୮ରନ୍‌ରେ କୁମୁଣ୍ଡି କ୍ରିକେଟ କ୍ଲବକୁ ହରାଇ ଚାମ୍ପିୟନ ହୋଇଛି । ପ୍ରଥମେ କୁମୁଣ୍ଡି ଦଳ ଟସ୍ ଜିଣି ବୋକଡ଼ା ଦଳକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ବୋକଡ଼ା ଦଳ ବ୍ୟାଟିଂ କରି ୧୫ ଓଭରରେ ସମସ୍ତ ଉଇକେଟ ବିନିମୟରେ ୨୦୩ ରନ ସଂଗ୍ରହ କରିଥିଲା । ଏହାର ଜବାବରେ କୁମୁଣ୍ଡି ଦଳ ୧୩ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୧୨୫ ରନ ସଂଗ୍ରହ କରିଥିଲା । ବିଜୟୀ ଦଳ ପକ୍ଷରୁ ରାଜୁ ସର୍ବାଧିକ ୭୮ ରନ୍ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ । ଖେଳକୁ ନରେଶ ରାଉତ ଓ କାହ୍ନୁ ଚରଣ ସ୍ୱାଇଁ ପରିଚାଳନା କରିଥିଲେ। ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅତିଥିମାନଙ୍କ ଦ୍ୱାରା ଚମ୍ପିୟନ ଓ ରନର୍ସ ଅପ୍ ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରାଯାଇଥିଲା । ଅନୁଷ୍ଠାନର ବରିଷ୍ଠ ସଦସ୍ୟ ବିଭୂତି ମନ୍ତ୍ରୀ, ଅଶୋକ ସ୍ୱାଇଁ ଓ ସମର ଦାସଙ୍କ ସହ ଅନ୍ୟ ସଦସ୍ୟମାନେ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ଅତିଥିଙ୍କ ଗହଣରେ ୨ ଟିମ୍‌ର ଖେଳାଳି।

## ଫଲ୍‌ସ ବିଲ୍, ଦୁର୍ନୀତିକୁ ନେଇ କ୍ଷୁବ୍ଧ ଭୋଟର

ନୟାଗଡ଼ ଅଫିସ,୧୭।୨

**ଭାପୁର ବ୍ଲକ ୧୯ନଂ.ଜିଲା ପରିଷଦ ଜୋନ୍**

■ ବଦଳୁଛି ରାଜନୈତିକ ପାଣିପାଗ

■ ଫାଇଦା ନେବାକୁ ସବୁ ପ୍ରାର୍ଥୀଙ୍କ ଉଦ୍ୟମ

ବିଜିପୁର, ଚକ୍ରଧରପ୍ରସାଦ, ଫତେଗଡ଼, ଗୋଳାପୋଖରୀ, ଶାଳପଡ଼ା ଓ ଭାପୁର ପଞ୍ଚାୟତକୁ ନେଇ ଗଠିତ ନୟାଗଡ଼ ଜିଲା ଭାପୁର ବ୍ଲକର ୧୯ନଂ. ଜିଲା ପରିଷଦ ଜୋନ୍। ଏହି ଜୋନ୍‌ରେ ଆସନ୍ତା ୨୪ରେ ଭୋଟଗ୍ରହଣ ହେବ। ତେବେ ନିର୍ବାଚନର ବହୁ ପୂର୍ବରୁ ଶାସକ ଦଳ ବିରୋଧରେ ଭାପୁର ବ୍ଲକରେ ହାୱା ବହୁଛି । ଏହାକୁ ନେଇ ରାଜନୈତିକ ପାଣିପାଗ ବିଭିନ୍ନ ସମୟରେ ବଦଳିବାରେ ଲାଗିଛି। ଏହାପରେ ବି ବିରୋଧୀ ଫାଇଦା ଉଠାଇ ପାରୁନାହାନ୍ତି ବୋଲି ଅଭିଯୋଗ ହୋଇଛି । ଗୋଟିଏ ରାସ୍ତା କାମ ପାଇଁ ୨୨ ଥର ବିଲ୍ କରାଯିବା, ନଦୀ ଭିତରେ ପୋଖରୀ କରି ସରକାରୀ ଅନୁଦାନ ଲୁଟ୍, ପୋଖରୀ ନ ଖୋଳି, ଶ୍ମଶାନର ଉନ୍ନୟନ କାମ ନ କରି ସେହି ଅର୍ଥ ଆତ୍ମସାତ୍ କରାଯିବା, ଆବାସ ଯୋଜନାରେ ଘର ନ ହେବା, ରାସ୍ତା ନିର୍ମାଣ ନ କରି ଫଲ୍‌ସ ବିଲ୍ କରାଯିବା ଆଦି ଅଭିଯୋଗକୁ ନେଇ ଭୋଟର କ୍ଷୁବ୍ଧ ଅଛନ୍ତି । ଉପରୋକ୍ତ ଦୁର୍ନୀତିର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ ଦାବିରେ ଅଧିକାଂଶ ସମୟରେ ଧାରଣା, ଆନ୍ଦୋଳନ ଓ ରାସ୍ତାରୋକୋ ହୋଇଥିଲେ ମଧ୍ୟ ସୁଫଳ ମିଳିନି। ବିକାଶ ନାଁରେ ଲୋକଙ୍କ ଅଭିଯୋଗକୁ ଚାପି ଦିଆଯାଇଛି। ସବୁ ଠିକ୍ ଚାଲିଛି ବୋଲି ଦାୟିତ୍ୱରେ ଥିବା ଅଧିକାରୀମାନେ କହିବା ସ୍ଥାନୀୟ ଲୋକଙ୍କୁ ବାଧିଛି । ଏପରି କି ଏହି ଦୁର୍ନୀତିକୁ ଚାପି ଦେବା ପାଇଁ ମନ୍ତ୍ରୀ, ବିଧାୟକ, ପ୍ରଶାସନିକ ଅଧିକାରୀଙ୍କ ହାତ ରହିଛି ବୋଲି ଅଭିଯୋଗ ହୋଇଛି।

ଏହି ଜୋନ୍‌ରେ ଭାଜପାରୁ କାର୍ତ୍ତିକ ଚନ୍ଦ୍ର ନାୟକ, କଂଗ୍ରେସରୁ ନବୀନ ପ୍ରଧାନ, ବିଜେଡିରୁ ସୁଶାନ୍ତ କୁମାର ସାହୁ ପ୍ରାର୍ଥୀ ହୋଇଥିବା ବେଳେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିତୁ ରଞ୍ଜନ ଦାଶ ଓ ଦାଶରଥି ଦାଶ ନିର୍ବାଚନ ଲଢୁଛନ୍ତି । ପ୍ରାର୍ଥୀମାନେ ଘରକୁ ଘର ବୁଲି ଭୋଟରମାନଙ୍କ ସମର୍ଥନ ଯୋଗାଡ଼ କରୁଛନ୍ତି । ହେଲେ ଅଧିକାଂଶ ଭୋଟର ପ୍ରାର୍ଥୀମାନଙ୍କୁ ବିଭିନ୍ନ ପ୍ରଶ୍ନ କରିବା ସହ କଡ଼ା ଭାଷାରେ ସମାଲୋଚନା କରିବାକୁ ପଛାଉ ନାହାନ୍ତି। ବିଜେଡି ପ୍ରାର୍ଥୀ ସବୁଠୁ ଅଧିକ ପ୍ରଶ୍ନବାଣର ଶିକାର ହେଉଛନ୍ତି। ପୁଣି ବିଭିନ୍ନ ପଞ୍ଚାୟତରେ ଶାସକଦଳର ଏକାଧିକ ପ୍ରାର୍ଥୀ ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀଭାବେ ନିର୍ବାଚନକୁ ଓହ୍ଲାଇଛନ୍ତି । ଏପରି ଅସନ୍ତୁଷ୍ଟ ଦଳୀୟ କର୍ମୀଙ୍କ ପାଇଁ ଜିଲା ପରିଷଦ ପ୍ରାର୍ଥୀଙ୍କ ନିଦ ହଜିଯାଇଛି । ଏନେଇ ଭୋଟର ରାମଚନ୍ଦ୍ର ସ୍ୱାଇଁ କୁହନ୍ତି, ଭାପୁର ବ୍ଲକରେ ଦୁର୍ନୀତି ଚରମ ସୀମାରେ ପହଞ୍ଚିଛି । ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମରେ ଭାପୁର ବ୍ଲକ ଶ୍ରେଷ୍ଠ ପୁରସ୍କାର ହାତେଇ ଥିଲେ ମଧ୍ୟ ଅଧିକାଂଶ କାମରେ ଫଲ୍‌ସ ବିଲ୍ କରାଯାଉଛି । ପ୍ରଶାସନ କାର୍ଯ୍ୟାନୁଷ୍ଠାନ ବଦଳରେ ଦୁର୍ନୀତିଗ୍ରସ୍ତଙ୍କୁ ସହଯୋଗ କରୁଥିବାରୁ ଲୋକେ ଅଭିଶପ୍ତ ଜୀବନଯାପନ କରୁଛନ୍ତି। ସୀତା ସାହୁ କୁହନ୍ତି, ଆମ ବ୍ଲକରେ କଥା କହିବାକୁ ଡର ଲାଗୁଛି । ମୁହଁ ଖୋଲିଲେ ବିପଦ ରହିଛି। ବିକାଶ ଆଳରେ ହରିଲୁଟ୍ ଚାଲିଥିଲେ ମଧ ସମସ୍ତେ ନୀରବ ରହିବାକୁ ବାଧ ହୋଇଛନ୍ତି। ବିକାଶ ସ୍ୱାଇଁ କୁହନ୍ତି, ନିର୍ବାଚନ ଚାଲିଥିବାରୁ ଏବେ ଶାସକଦଳରେ ସୃଷ୍ଟି ହୋଇଥିବା ଫାଟରେ ପ୍ୟାଚ୍ ପଡ଼ିଛି । ହେଲେ ତାହା କ୍ଷଣସ୍ଥାୟୀ ହୋଇଥିବାରୁ ଶାସକଦଳର ଫାଟ ବଢ଼ିବାରେ ଲାଗିଛି। କଂଗ୍ରେସର ସ୍ଥିତି ଭଲ ନ ଥିବାବେଳେ ଭାଜପାର ସଙ୍ଗଠନ ମଧ୍ୟ ନାହିଁ। ଭୋଟରଙ୍କ ଆଶୀର୍ବାଦ ପାଇଲେ ଯାହାକିଛି ବଦଳି ପାରେ ବୋଲି ସେ କହିଛନ୍ତି ।